

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ

୨୦୨୧-୨୨ ଆର୍ଥିକ ବର୍ଷର

# କାର୍ଯ୍ୟାବଳୀ ସମ୍ବନ୍ଧୀୟ ବିବରଣୀ

## ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ

ଓଡ଼ିଶା ସରକାର

## ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର
## ୨୦୨୧ - ୨୨ ଆର୍ଥିକ ବର୍ଷର

# କାର୍ଯ୍ୟାବଳୀ ସମ୍ବନ୍ଧୀୟ ବିବରଣୀ

**ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ**

ଓଡ଼ିଶା ସରକାର

ଅର୍ଥନୈତିକ ପ୍ରଗତି ସହ ସାମାଜିକ ନ୍ୟାୟ ପ୍ରତିଷ୍ଠା ହେଉଛି ବିକାଶର ମୂଳ ଆଧାର । ଏହି ଆଭିମୁଖ୍ୟକୁ ସାକାର କରିବା ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କାର୍ଯ୍ୟ କରୁଛି । ଦୀର୍ଘସ୍ଥାୟୀ ସୁରକ୍ଷିତ ଜୀବିକା, ଆୟ ବୃଦ୍ଧିକାରୀ ସମ୍ପତ୍ତି ସୃଷ୍ଟି, ସଶକ୍ତ ତୃଣମୂଳ ଶାସନ ବ୍ୟବସ୍ଥା ଓ  ମହିଳାମାନଙ୍କର ସକ୍ରିୟ ଅଂଶଗ୍ରହଣ ଜରିଆରେ ଲୋକଙ୍କର ମୁଣ୍ଡପିଛା ଆୟ ଓ ସେମାନଙ୍କର ଜୀବନ ଧାରଣର ମାନ ଆଦି ବୃଦ୍ଧି କରିବା ସହ ସମାଜର ଅବହେଳିତ ତଥା ଦୁର୍ବଳ ଶ୍ରେଣୀର ଲୋକମାନଙ୍କର ଆବଶ୍ୟକତାକୁ  ପୂରଣ କରିବା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମୁଖ୍ୟ ଲକ୍ଷ୍ୟ ।

ପଞ୍ଚାୟତିରାଜ ଅନୁଷ୍ଠାନ ସମ୍ବିଧାନର ଏକ ପ୍ରମୁଖ ଅଙ୍ଗ ଭାବେ ଗ୍ରାମୀଣ ବିକାଶ ସଂପର୍କିତ ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ତଥା ତଦାରଖରେ ସ୍ଥାନୀୟ ଲୋକମାନଙ୍କର ସଂପୃକ୍ତି କେବଳ ସୁନିଶ୍ଚିତ କରେ ନାହିଁ ବରଂ ସମାଜରେ ଥିବା ଅବହେଳିତ ତଥା ଦୁର୍ବଳ ଶ୍ରେଣୀର ଲୋକମାନଙ୍କର ସାମାଜିକ ଓ ଅର୍ଥନୈତିକ ସ୍ଥିତିର ବିକାଶ କରିବା ସହିତ ସେମାନଙ୍କୁ ସଶକ୍ତ କରିବା ଦିଗରେ ଯଥେଷ୍ଟ ସହାୟକ ହୋଇଥାଏ ।

ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା ୨୦୧୨-୧୭ର ପ୍ରମୁଖ ଆଭିମୁଖ୍ୟ ହେଲା କ୍ଷିପ୍ରତର, ଦୀର୍ଘସ୍ଥାୟୀ ତଥା ସମନ୍ୱିତ ବିକାଶ ।

ଗ୍ରାମାଞ୍ଚଳରେ ଥିବା ଦାରିଦ୍ର୍ୟର ମାତ୍ରାକୁ ହ୍ରାସ କରି ଲୋକମାନଙ୍କୁ ତୃଣମୂଳସ୍ତରରେ ଯୋଜନା ପ୍ରସ୍ତୁତିରେ ସକ୍ରିୟ ଅଂଶଗ୍ରହଣ କରାଇ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକମାନଙ୍କର ଅର୍ଥନୈତିକ, ସାମାଜିକ ତଥା ସାମଗ୍ରିକ ବିକାଶ କରିବାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ଭୂମିକା ରହିଛି ।

ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ଗ୍ରାମାଞ୍ଚଳରେ ଥିବା ଗରିବ ଲୋକମାନଙ୍କର ଆୟର ସ୍ତରକୁ ବୃଦ୍ଧି କରାଯାଇ ସେମାନଙ୍କ ପରିବାରର ଜୀବନ ଧାରଣ ନିମନ୍ତେ ସର୍ବନିମ୍ନ ଆୟର ବୃଦ୍ଧି କରାଇବା ହେଉଛି ଏହାର ପ୍ରମୁଖ ଉଦ୍ଦେଶ୍ୟ । ଏଥିନିମନ୍ତେ ସେମାନଙ୍କ ପାଇଁ ଆନୁଷ୍ଠାନିକ ଆର୍ଥିକ ସହାୟତା ମାଧ୍ୟମରେ ଅତିରିକ୍ତ ନିଯୁକ୍ତିର ସୁଯୋଗ କିମ୍ବା ଆୟ ବୃଦ୍ଧିକାରୀ ସଂପତ୍ତି ସୃଷ୍ଟି କରାଯାଇଛି ।

ଯୋଜନା ଆୟୋଗଙ୍କ ମତ ଅନୁସାରେ ଲୋକମାନଙ୍କ ପାଇଁ ପର୍ଯ୍ୟାପ୍ତ ଖାଦ୍ୟ, ବସ୍ତ୍ର, ବାସଗୃହ, ସ୍ୱାସ୍ଥ୍ୟସେବା ଓ ଅବସର ବିନୋଦନ ସୁଯୋଗ ପ୍ରଦାନ ଆଦି ବ୍ୟବସ୍ଥା ଏହି ଦାରିଦ୍ର୍ୟ ଦୂରୀକରଣ ଯୋଜନାର କେବଳ ମାତ୍ର ଉଦ୍ଦେଶ୍ୟ ନୁହେଁ ବରଂ ଏଥିନିମନ୍ତେ ଲୋକମାନଙ୍କ ମାନସିକତାର ପରିବର୍ତ୍ତନ ତଥା ସେମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ ଉଚ୍ଚ ଆକାଂକ୍ଷା ଅଙ୍କୁରିତ ହେବା ସମଭାବରେ ଗୁରୁତ୍ୱପୂର୍ଣ୍ଣ ।

ଗୋଷ୍ଠୀ ଉନ୍ନୟନ ହେଉଛି ଏକ ପ୍ରକ୍ରିୟା ଯେଉଁଥିରେ ଲୋକମାନଙ୍କର ସାମାଜିକ, ମନସ୍ତାତ୍ତ୍ୱିକ, ଅର୍ଥନୈତିକ ଅଭିବୃଦ୍ଧି ତଥା କଲ୍ୟାଣ ନିମନ୍ତେ ସେମାନଙ୍କ ସକ୍ରିୟ ଭାଗିଦାରିତାକୁ ଗୁରୁତ୍ୱ ପ୍ରଦାନ କରାଯାଇଥାଏ । ଗ୍ରାମୀଣ ଭାରତର ଲୋକମାନଙ୍କର ସାମାଜିକ ଓ ଅର୍ଥନୈତିକ ଜୀବନରେ ପରିବର୍ତ୍ତନ ପାଇଁ ଗୋଷ୍ଠୀ ଉନ୍ନୟନ ଯୋଜନାରେ ବିଭିନ୍ନ ସାମାଜିକ ଓ ଅର୍ଥନୈତିକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଥାଏ ।

ଗ୍ରାମାଞ୍ଚଳରେ ଥିବା ଲୋକମାନଙ୍କର ଆୟବୃଦ୍ଧି, କର୍ମନିଯୁକ୍ତି ସୃଷ୍ଟି ଓ ବିଭିନ୍ନ ସମ୍ବଳର ସୁବିନିଯୋଗକୁ ସୁନିଶ୍ଚିତ କରାଇ ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା ହେଉଛି ସୁଶାସନର ପ୍ରମୁଖ ଲକ୍ଷ୍ୟଣ ।

ଓଡ଼ିଶା ଅର୍ଥନୈତିକ ଦୃଷ୍ଟିକୋଣରୁ ପଛୁଆ ନୁହେଁ । ଏହା ପ୍ରାକୃତିକ ସମ୍ବଳର ଗନ୍ତାଘର । ଯଦି ଆମେ ଲୋକମାନଙ୍କର ବିଭିନ୍ନ ଆବଶ୍ୟକତା ଓ ସମସ୍ୟାକୁ ହୃଦୟଙ୍ଗମ କରି ତାହାର ନିରାକରଣ ନିମନ୍ତେ ଉପଯୁକ୍ତ ପଦକ୍ଷେପ ନେବା, ତେବେ ନିଶ୍ଚିତ ଭାବେ ଲୋକମାନଙ୍କ ମୁହଁରେ ହସ ଫୁଟାଇ ପାରିବା । ଫଳସ୍ୱରୂପ ଜନକଲ୍ୟାଣ ରାଷ୍ଟ୍ରର ପରିକଳ୍ପନା ସାକାର ହୋଇ ଆମ ରାଜ୍ୟର ପ୍ରଗତିର ଧାରା ତ୍ୱରାନ୍ୱିତ ହେବ ।

## ଓଡ଼ିଶାରେ ପଞ୍ଚାୟତିରାଜ ଧାରାର ସଂକ୍ଷିପ୍ତ ଇତିହାସ

ଓଡ଼ିଶା ଗ୍ରାମପଞ୍ଚାୟତ ଅଧିନିୟମ, ୧୯୪୮ ରାଜ୍ୟର ଗ୍ରାମପଞ୍ଚାୟତ ଗଠନ, କ୍ଷମତା ଓ କାର୍ଯ୍ୟକାରିତା ଉଦ୍ଦେଶ୍ୟରେ ପ୍ରଣିତ ପ୍ରଥମ ଆଇନ ଅଟେ । ୧୯୫୦-୫୧ରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ୫୦୦ ଗୋଟି ଗ୍ରାମପଞ୍ଚାୟତ ଗଠନ କରାଯାଇଥିଲା । ୧୯୫୮ ରୁ ୧୯୬୧ ମସିହା ମଧ୍ୟରେ ରାଜ୍ୟରେ ବଛାବଛା ସ୍ଥାନରେ ସମନ୍ୱିତ ବ୍ଲକମାନ ପ୍ରତିଷ୍ଠା କରାଯାଇଥିଲା । ଓଡ଼ିଶା ଜିଲ୍ଲା ପରିଷଦ ଅଧିନିୟମ, ୧୯୫୯ରେ ଅଧିନିୟମିତ କରାଗଲା । କିନ୍ତୁ ତତ୍‌କ୍ଷଣାତ୍ ଜିଲ୍ଲା ପରିଷଦ ଗଠନ କରାଯାଇନଥିଲା । ପରବର୍ତ୍ତୀ ଅବସ୍ଥାର ୧୯୬୧ ମସିହାରେ ଜିଲ୍ଲା ପରିଷଦ ଅଧିନିୟମ ୧୯୫୯ (୧୯୬୧ରେ ଓଡ଼ିଶା ଅଧିନିୟମ-୨୪) ପ୍ରଣୟନ କରାଗଲା । ୧୯୬୧ ମସିହାରେ ରାଜ୍ୟର ସମସ୍ତ ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇ ତ୍ରୀସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ପ୍ରତିଷ୍ଠା କରାଗଲା ।

## ପଞ୍ଚାୟତିରାଜ ଅନୁଷ୍ଠାନର ପଦକ୍ଷେପ

ସମ୍ବିଧାନର ୭୩ ତମ ସଂଶୋଧନ ବ୍ୟବସ୍ଥା ଏବଂ ଅନୁସୂଚିତ ଅଞ୍ଚଳକୁ ସଂପ୍ରସାରଣ ଆଇନ (ପେସା) ଯଥାକ୍ରମେ ୧୯୯୩ ଓ ୧୯୯୬ ମସିହାରେ କାର୍ଯ୍ୟକାରୀ କରାଗଲା । ପରବର୍ତ୍ତୀ ସମୟରେ ୭୩ ତମ ସମ୍ବିଧାନ ସଂଶୋଧନ ଏବଂ ପେସା ଆଇନରେ ସଂଶୋଧନ କରାଯାଇଅଛି । ୧୯୯୬ ପେସା ଆଇନ ଆଧାରରେ ନିର୍ବାଚନ କରାଯାଇ ଅନୁସୂଚିତ ଜନଜାତିଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କରିବା କ୍ଷେତ୍ରରେ ଓଡିଶା ହେଉଛି ପ୍ରଥମ ରାଜ୍ୟ । ପଞ୍ଚାୟତିରାଜ ଆଇନ ଯଥା (ଓଡିଶା ଗ୍ରାମପଞ୍ଚାୟତ ଆଇନ ୧୯୬୪, ଓଡିଶା ପଞ୍ଚାୟତ ସମିତି ଆଇନ ୧୯୫୯ ଓ ଓଡିଶା ଜିଲ୍ଲା ପରିଷଦ ଆଇନ ୧୯୯୧)ର ୨୦୧୧ ମସିହାରେ ପୁନଶ୍ଚ ସଂଶୋଧନ କରାଯାଇଅଛି । ଏଥିରେ ମହିଳା ସଶକ୍ତିକରଣ ପାଇଁ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳା ମାନଙ୍କ ପାଇଁ ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା କରାଯାଇଛି ।

## ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ରୂପେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ସୁଦୃଢ଼ୀକରଣ

ପଞ୍ଚାୟତିରାଜ ଅନୁଷ୍ଠାନଗୁଡିକର ସ୍ୱୟଂଶାସିତ ସଂସ୍ଥା ଭାବରେ ସମୃଦ୍ଧ କରାଇବା ନିମନ୍ତେ ସରକାର ପ୍ରତିଶୃତିବଦ୍ଧ । ୨୦୦୩ ମସିହାରେ ୧୧ ଗୋଟି ବିଭାଗର ୨୧ ଗୋଟି ବିଷୟ ପଞ୍ଚାୟତିରାଜ ବିଭାଗକୁ ହସ୍ତାନ୍ତରିତ ହୋଇଥିଲା । ଉକ୍ତ ୧୧ ଗୋଟି ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଓ ପଞ୍ଚାୟତ ସ୍ତରୀୟ କର୍ମକର୍ତ୍ତାମାନେ ଯଥାକ୍ରମେ ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି ଓ ଗ୍ରାମ ପଞ୍ଚାୟତକୁ ହସ୍ତାନ୍ତରିତ ହୋଇଥିବା ବିଷୟ/ ପ୍ରକଳ୍ପର ଅନୁମୋଦନ ନିମନ୍ତେ ବୈଠକରେ ଉପସ୍ଥାପନ କରିବେ ।

ଗ୍ରାମ ପଞ୍ଚାୟତରେ ବସବାସ କରୁଥିବା ଗରିବ ତଥା ଆର୍ଥିକ ଦୁର୍ବଳ ଜନସାଧାରଣଙ୍କୁ ମାଗଣାରେ ଆଇନ ସହାୟତା ପ୍ରଦାନ କରିବା ପାଇଁ ଆଇନ ବିଭାଗ ଓ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ମଧୁବାବୁ ଆଇନ ସହାୟତା ଯୋଜନା ପ୍ରଚଳିତ ହୋଇ ଆସୁଅଛି । ବର୍ତ୍ତମାନ ସୁଦ୍ଧା ୧୮ଟି ଜିଲ୍ଲାରେ ୧୦୦ଟି ବ୍ଲକ ଅଧିନସ୍ଥ ୧୮୭୧ ଟି ଗ୍ରାମ ପଞ୍ଚାୟତରେ ଆଇନ୍ ସହାୟକ ନିଯୁକ୍ତ ହୋଇ ସାରିଛନ୍ତି । ମଧୁବାବୁ ଆଇନ ସହାୟତା କେନ୍ଦ୍ରର ସୁପରିଚାଳନା ନିମନ୍ତେ ଆଇନ୍ ସହାୟକ ନିଯୁକ୍ତ ହୋଇଥିବା ଜିଲ୍ଲାକୁ ବର୍ତ୍ତମାନ ସୁଦ୍ଧା ୪,୮୩,୩୧,୮୦୦ଟଙ୍କା ଅର୍ଥ ମଞ୍ଜୁର କରାଯାଇଛି ।

ପଞ୍ଚାୟତିରାଜ ପ୍ରତିଷ୍ଠାନ ହେଉଛି ଶାସନ ବିକେନ୍ଦ୍ରୀକରଣର ପ୍ରଥମ ସୋପାନ । ଜନସାଧାରଣଙ୍କୁ ସେମାନଙ୍କ ମୌଳିକ ସେବା ଯୋଗାଇ ଦେବା ହେଉଛି ଏହି ଅନୁଷ୍ଠାନର ମୂଳ ଲକ୍ଷ୍ୟ । ଏଥି ନିମନ୍ତେ ରାଜ୍ୟ ସରକାର ଜନ କଲ୍ୟାଣ ପାଇଁ ବିବିଧ ଉନ୍ନତି ମୂଳକ କାର୍ଯ୍ୟ କରିବା ପାଇଁ ପଦକ୍ଷେପ ନେଉଛନ୍ତି । ତେଣୁ ବିବିଧ ଉନ୍ନତିମୂଳକ ଯୋଜନାର କାର୍ଯ୍ୟକାରୀ ପାଇଁ ପଞ୍ଚାୟତମାନଙ୍କୁ ଅର୍ଥ ଆବଣ୍ଟନ କରାଯାଉଛି । ପଞ୍ଚାୟତିରାଜ ଅନୁଷ୍ଠାନର ସଶକ୍ତିକରଣ ପାଇଁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲାମାନଙ୍କରେ ୭୧୪୨ଟି ଆକାଉଣ୍ଟାଣ୍ଟ-କମ-ଡାଟା ଏଣ୍ଟ୍ରି ଅପରେଟର ପଦବୀ ସୃଷ୍ଟି କରାଯାଇଛି ।

ଏତଦ୍ ସହିତ ଜାତୀୟ ସବୁଜ ନ୍ୟାୟଧିକରଣର ଆଦେଶ ଅନୁଯାୟୀ ଓଡ଼ିଶା ଜୈବ ବିବିଧତା ନିୟମ ୨୦୧୨କୁ ଭିତ୍ତି କରି ପ୍ରତି ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି ଓ ଗ୍ରାମ ପଞ୍ଚାୟତ ସ୍ତରରେ ଜୈବ ବିବିଧତା ପରିଚାଳନା ସମିତି ଗଠନ କରାଯାଇଛି ।

## ରାଜ୍ୟ ନିର୍ବାଚନ କମିଶନ

୨୦୨୧-୨୨ ବର୍ଷରେ ପଞ୍ଚାୟତ ଆଇନ ଓ ନିୟମାବଳୀ ଗୁଡିକରେ ଅନେକ ପ୍ରମୁଖ ସଂଶୋଧନ କରାଯାଇଛି । ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟଳୟଙ୍କ ଆଦେଶ ଅନୁପାଳନ ପୂର୍ବକ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ, ୧୯୬୪, ଓଡ଼ିଶା ପଞ୍ଚାୟତ ସମିତି ଆଇନ, ୧୯୫୯ ଏବଂ ଓଡ଼ିଶା ଜିଲ୍ଲା ପରିଷଦ ଆଇନ, ୧୯୯୧ରେ ସଂଶୋଧନ ଅଣାଯାଇ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ପଛୁଆ ବର୍ଗଙ୍କ ନିମନ୍ତେ ମୋଟ୍ ଆସନ ସଂରକ୍ଷଣ ୫୦% ମଧ୍ୟରେ ସୀମିତି କରାଯାଇଛି । ସେହିପରି, ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ, ୧୯୬୪ର ଧାରା

୨୫, ଓଡ଼ିଶା ପଞ୍ଚାୟତ ସମିତି ଆଇନ, ୧୯୫୯ ରେ ଧାରା ୪୫ ଏବଂ ଓଡ଼ିଶା ଜିଲ୍ଲା ପରିଷଦ ଆଇନ, ୧୯୯୧ ର ଧାରା ୩୩ର ସଂଶୋଧନ ଅଣାଯାଇ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନେ ଶପଥ ପାଠ ଦାଖଲ କରିବାର ବ୍ୟବସ୍ଥା ଅନ୍ତର୍ଭୁକ୍ତ କରାଯାଇଛି ଏବଂ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ, ୧୯୬୪ର ଧାରା ୪୪, ଓଡ଼ିଶା ପଞ୍ଚାୟତ ସମିତି ଆଇନ, ୧୯୫୯ର ଧାରା ୨୦ରେ ସଂଶୋଧନ ଅଣାଯାଇ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ଅର୍ନ୍ତଭୁକ୍ତ କରାଯାଇଛି । ଏତଦ୍‌ବ୍ୟତୀତ ମତଦାନ କେନ୍ଦ୍ର ପରିବର୍ତ୍ତେ ବ୍ଲକ ସ୍ତରରେ ଭୋଟଗୁଡିକର କେନ୍ଦ୍ରୀୟ ଗଣତି ନିମନ୍ତେ ଓଡ଼ିଶା ଗ୍ରାମ ପଞ୍ଚାୟତ ନିର୍ବାଚନ ନିୟମାବଳୀ, ୧୯୬୫, ଓଡ଼ିଶା ପଞ୍ଚାୟତ ସମିତି ନିର୍ବାଚନ ନିୟମାବଳୀ, ୧୯୯୧ ଏବଂ ଓଡ଼ିଶା ଜିଲ୍ଲା ପରିଷଦ ନିର୍ବାଚନ ନିୟମାବଳୀ, ୧୯୯୪ରେ ସଂଶୋଧନ ଅଣାଯାଇଛି ।

# ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ଓ କାର୍ଯ୍ୟକ୍ରମ

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ଓ କାର୍ଯ୍ୟକ୍ରମ ଗୁଡ଼ିକୁ ନିମ୍ନ ପ୍ରକାରେ ବର୍ଗୀକରଣ କରାଯାଇଛି ।

୧. ଦାରିଦ୍ର୍ୟ ଦୂରୀକରଣ ଓ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ

୨. ମୌଳିକ ସେବା କାର୍ଯ୍ୟକ୍ରମ

୩. ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମ

୪. ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

୫. ଇ-ପ୍ରଶାସନ ପଦକ୍ଷେପ

୬. କୋଭିଡ୍ - ୧୯ ପରିଚାଳନା

୭. ଅନ୍ୟାନ୍ୟ କାର୍ଯ୍ୟକଳାପ

..

# ୧ ଦାରିଦ୍ର୍ୟ ଦୂରୀକରଣ ଓ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ

## (କ) ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା :

### ଉଦ୍ଦେଶ୍ୟ :

- ଦାବି ମୁତାବକ ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାରକୁ ଗୋଟିଏ ଆର୍ଥିକ ବର୍ଷରେ ୧୦୦ ଦିନ ପର୍ଯ୍ୟନ୍ତ ଅଣକୁଶଳୀ କାର୍ଯ୍ୟ ଯୋଗାଇ ଦେବା ଦ୍ୱାରା ନିର୍ଦ୍ଦିଷ୍ଟ ମାନର ଓ ଦୀର୍ଘସ୍ଥାୟୀ ଉତ୍ପାଦନକ୍ଷମ ସଂପତ୍ତି ସୃଷ୍ଟି କରିବା
- ଗ୍ରାମୀଣ ଗରିବ ଜନସାଧାରଣଙ୍କ ଜୀବିକାକୁ ସୁଦୃଢ଼ କରିବା
- ଦୁର୍ବଳ ଶ୍ରେଣୀ ଯଥା ଅନୁସୂଚିତ ଜାତି, ଜନଜାତି, ଦିବ୍ୟାଙ୍ଗ ଓ ମହିଳା ହିତାଧିକାରୀଙ୍କୁ ସଶକ୍ତ କରିବା ।

### ୨୦୨୧-୨୨ ଆର୍ଥିକ ବର୍ଷରେ ଗ୍ରହଣ କରାଯାଇଥିବା ପ୍ରମୁଖ ପଦକ୍ଷେପ :

ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ ଓ ଅସୁରକ୍ଷିତ ବ୍ୟକ୍ତିବିଶେଷଙ୍କ ଜୀବିକାକୁ ସୁଦୃଢ଼ କରିବା ପାଇଁ ନିମ୍ନଲିଖିତ ପଦକ୍ଷେପ ମାନ ଗ୍ରହଣ କରାଯାଇଛି ।

- ଆମ ରାଜ୍ୟ ଓଡ଼ିଶା ୨୦୨୧-୨୨ ଆର୍ଥିକ ବର୍ଷରେ ୨୩ କୋଟି ଶ୍ରମ ଦିବସ ହାସଲ କରିବାକୁ ଲକ୍ଷ୍ୟ ରଖିଛି ।
- ଅଣକୁଶଳୀ କାର୍ଯ୍ୟ କରିବାକୁ ଇଚ୍ଛୁକ ଥିବା ପରିବାରକୁ ନୂତନ ଜବ୍ କାର୍ଡ ପ୍ରଦାନ ।
- ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଶ୍ରମ ଦିବସ ୫୦% ହେବା ପାଇଁ ସ୍ଥିର ହୋଇଛି ।
- ମହିଳା ହିତାଧିକାରୀଙ୍କ ଶ୍ରମ ଦିବସ ୩୩.୩% ହେବା ଉଚିତ୍ ।
- ଅନ୍ୟାନ୍ୟ ଲାଇନ ବିଭାଗ ସହିତ ପ୍ରଭାବଶାଳୀ ସମନ୍ୱୟ / ଏକାଭିମୁଖୀକରଣ ।
- ଜଳ ସଂରକ୍ଷଣ କାର୍ଯ୍ୟ, ବୃକ୍ଷରୋପଣ, କୃଷି ପୋଖରୀ, ଅଙ୍ଗନୱାଡ଼ି କେନ୍ଦ୍ର, ନଳକୂପ, ଜମିର ଉନ୍ନତିକରଣ ଇତ୍ୟାଦି ଉପରେ ଗୁରୁତ୍ୱ ।
- ରାଜ୍ୟ ବଜେଟ୍‌ରୁ ୪ଟି ଜିଲ୍ଲା ଯଥା ବରଗଡ଼, ବଲାଙ୍ଗୀର, କଳାହାଣ୍ଡି ଓ ନୂଆପଡ଼ାର ୨୦ଟି ଦାଦନ ପ୍ରବଣ ବ୍ଲକରେ ଅତିରିକ୍ତ ୨୦୦ ଦିନର କାର୍ଯ୍ୟ ଏବଂ ସର୍ବନିମ୍ନ ମଜୁରୀର ସ୍ୱତନ୍ତ୍ର ପ୍ୟାକେଜ ।
- ସଠିକ୍ ସମୟରେ ମଜୁରୀ ପ୍ରଦାନ : ଟି+୮ ଦିନରେ ୯୯% ଅଧିକ (ଫଣ୍ଡ ଟ୍ରାନ୍ସଫର ଅର୍ଡର) ସୃଷ୍ଟି ହେବା ଉଚିତ୍ ।

### ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ

ଏହି ଯୋଜନାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ନିମନ୍ତେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ପଦକ୍ଷେପମାନ ଗ୍ରହଣ କରାଯାଇଛି ।

- ଜିଆଇଏସ୍ ଭିତ୍ତିକ ଗ୍ରାମ ପଞ୍ଚାୟତ ଯୋଜନା
- ସଂପତ୍ତିର ଜିଓ ଟ୍ୟାଗିଂ : ପ୍ରଥମ ପର୍ଯ୍ୟାୟ (୨୦୧୭-୧୮ ଏବଂ ଏହା ପୂର୍ବରୁ) ଏବଂ ଦ୍ୱିତୀୟ ପର୍ଯ୍ୟାୟ ଅବଧି ଏବଂ ପରେ (୨୦୧୮-୧୯ ଠାରୁ ଆଜି ପର୍ଯ୍ୟନ୍ତ) ସମସ୍ତ ସଂପତ୍ତିର ଜିଓ ଟ୍ୟାଗ ହେବା ଆବଶ୍ୟକ ।
- ସକ୍ରିୟ ଥିବା ସମସ୍ତ ଶ୍ରମିକଙ୍କର ଆଧାର ରସିଦ / ସଂଯୋଗ କରଣ
- ନ୍ୟାସନାଲ ମୋବାଇଲ ମନିଟରିଂ ସିଷ୍ଟମର ବ୍ୟବହାର (ଏନ୍ଏମ୍ଏମ୍ଏସ୍ ଆପ୍) : କାର୍ଯ୍ୟଗୁଡ଼ିକର ଜିଓ ଟ୍ୟାଗ ହୋଇଥିବା ଫଟୋ ସହିତ କାର୍ଯ୍ୟକ୍ଷେତ୍ରରେ ଶ୍ରମିକ ମାନଙ୍କର ପ୍ରକୃତ ସମୟରେ ଉପସ୍ଥାନ ନେବା ନିମନ୍ତେ ଏହି ଏନ୍.ଏମ୍.ଏମ୍.ଏସ୍ ଆପ ବ୍ୟବହୃତ ହୁଏ । ନିଆଯାଇଥିବା ଉପସ୍ଥାନ ଓ ଫଟୋଗୁଡ଼ିକ ସର୍ବସାଧାରଣରେ ଉପଲବ୍ଧ ହେବ ।
- ଏରିଆ ଅଫିସର ଆପ୍ ବ୍ୟବହାର କରି ରାଜ୍ୟ / ଜିଲ୍ଲା / ବ୍ଲକ୍ ଅଧିକାରୀଙ୍କ ଦ୍ୱାରା କାର୍ଯ୍ୟର ତଦାରଖ: ଏହି ଯୋଜନାର କାର୍ଯ୍ୟାନ୍ୱୟନକୁ ସହଜସାଧ କରିବା ସହ ପ୍ରଭାବଶାଳୀ ତଦାରଖ ନିମନ୍ତେ ଏହି ଆପ ବ୍ୟବହୃତ ହୋଇଥାଏ ।
- ସାମାଜିକ ସମୀକ୍ଷା : ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟାନ୍ୱୟନରେ ଜନସାଧାରଣଙ୍କ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବା ନିମନ୍ତେ ମହାତ୍ମା ଗାନ୍ଧି ନରେଗା ଅଧୀନରେ କାର୍ଯ୍ୟଗୁଡ଼ିକର ସାମାଜିକ ସମୀକ୍ଷାକୁ ନିଶ୍ଚିତ କରାଯାଉଛି ।

## ମହାତ୍ମା ଗାନ୍ଧି ନରେଗାର ଉଲ୍ଲେଖନୀୟ ସଫଳତା ସବୁକୁ ନିମ୍ନରେ ପ୍ରଦାନ କରାଗଲା :

| ସୂଚକ | ୨୦୧୯-୨୦ | ୨୦୨୦-୨୧ | ୨୦୨୧-୨୨ (୧୮.୦୨.୨୦୨୨) |
|---|---|---|---|
| ମୋଟ୍ ଶ୍ରମ ବଜେଟ୍ (ଶ୍ରମ ଦିବସ ଲକ୍ଷରେ) | ୧୧୫୦.୦୦ | ୨୦୫୦.୦୦ | ୨୦୨୪.୦୦ |
| ଅଦ୍ୟାବଧି ମୋଟ୍ ଶ୍ରମ ଦିବସ ସୃଷ୍ଟି | ୧୧୧୪.୧୫ | ୨୦୮୦.୯୩ | ୧୮୩୫.୯୬ |
| ଶତକଡ଼ା ସମୁଦାୟ ଶ୍ରମ ଦିବସ (ଶ୍ରମ ଦିବସ ଲକ୍ଷରେ) | ୯୬.୮୮% | ୧୦୧.୫୧% | ୯୦.୭୧% |
| ପରିବାରଗୁଡ଼ିକୁ ନିଯୁକ୍ତି ପ୍ରଦାନ (ଲକ୍ଷରେ) | ୨୩.୨୬ | ୩୭.୪୯ | ୩୩.୬୩ |
| ବର୍ତ୍ତମାନ ପର୍ଯ୍ୟନ୍ତ ବ୍ୟକ୍ତିଗତ କାର୍ଯ୍ୟ (ଲକ୍ଷରେ) | ୩୭.୩୩ | ୬୨.୧୫ | ୫୩.୪୬ |
| ପ୍ରତି ପରିବାରର ହାରାହାରି ରୋଜଗାର ଦିବସ | ୪୮ | ୫୫.୫୧ | ୫୪.୫୯ |
| ମହିଳା ଶ୍ରମ ଦିବସର ଶତକଡ଼ା | ୪୩% | ୪୫% | ୪୬% |
| ଅନୁସୂଚିତ ଜାତି ଓ ଜନଜାତିଙ୍କର ଶତକଡ଼ା ଶ୍ରମଦିବସ | ୫୧.୧% | ୪୯.୮% | ୪୯.୨% |
| ୧୦୦ ଦିନର କାର୍ଯ୍ୟ ସଂପୂର୍ଣ୍ଣ କରିଥିବା ପରିବାର | ୧,୬୦,୭୬୧ | ୪୧୭,୫୦୨ | ୩,୭୦,୧୪୩ |
| ସଠିକ୍ ସମୟରେ ମଜୁରୀ ପ୍ରଦାନ (ଟି+୮ ଦିବସ ଶତକଡ଼ା) | ୮୬.୧ | ୯୨.୮ | ୯୯.୦୩ |
| ଖର୍ଚ୍ଚ (କୋଟିରେ) | ୨୮୩୬.୯୨ | ୫,୮୩୯.୬୭ | ୫୩୭୦.୧୨ |
| ନୂତନ ଜବ କାର୍ଡ ପ୍ରଦାନ | ୪.୬୬ ଲକ୍ଷ | ୯.୦୪ ଲକ୍ଷ | ୬.୦୮ ଲକ୍ଷ |

## ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକଳାପର ସମାପ୍ତି (ସଂଖ୍ୟାରେ)

| କାର୍ଯ୍ୟକଳାପର ପ୍ରକାର | ୨୦୧୯-୨୦ | ୨୦୨୦-୨୧ | ୨୦୨୧-୨୨ (୧୮.୦୨.୨୦୨୨) |
|---|---|---|---|
| ଜଳ ସଂରକ୍ଷଣ କାର୍ଯ୍ୟ | ୬୯୯୯ | ୮୦୫୯ | ୧୪୯୧୪ |
| ଜଳସେଚନ କାର୍ଯ୍ୟ | ୫୫୯୮ | ୧୪୫୨୭ | ୨୨୯୩୫ |
| ପାରମ୍ପରିକ ଜଳ ଉତ୍ସଗୁଡ଼ିକର ନବୀକରଣ | ୫୫୨୩ | ୪୫୭୬ | ୭୨୯୭ |
| ବୃକ୍ଷରୋପଣ | ୨୭୪୪୧ | ୧୦୩୩୬ | ୨୧୧୩୫ |
| କୃଷି ପୋଖରୀ | ୩୬୬୫ | ୪୮୩୧ | ୯୦୫୩ |
| ଅଙ୍ଗନୱାଡ଼ି କେନ୍ଦ୍ର | ୨୭୯୫ | ୧୫୯୪ | ୧୯୭୯ |
| ନଳକୂପ | ୭୩୧୦ | ୩୪୪୨ | ୪୨୧୮ |
| ଜମି ଉନ୍ନତିକରଣ | ୨୫୪୪୦ | ୨୨୨୦୫ | ୩୧୪୩୨ |
| ପଶୁସଂପଦ ଆଶ୍ରୟସ୍ଥଳ | ୮୮୦୭ | ୬୩୨୯ | ୧୦୫୩୫ |

## ଅନ୍ୟାନ୍ୟ ଲାଇନ୍ ବିଭାଗ ସହିତ ସମନ୍ୱୟ / ଏକାଭିମୁଖୀକରଣ

ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ ଜନସାଧାରଣଙ୍କ ଜୀବିକାକୁ ସୁଦୃଢ଼ କରିବା ନିମନ୍ତେ ୨୦୨୦-୨୧ ବର୍ଷରୁ ବିଭିନ୍ନ ଲାଇନ୍ ବିଭାଗ ସହିତ ପ୍ରଭାବଶାଳୀ ସମିଶ୍ରଣ କରାଯାଇଅଛି । ଏକାଭିମୁଖୀକରଣ ଅଧୀନରେ ଦିଆଯାଇଥିବା କାର୍ଯ୍ୟଗୁଡ଼ିକର ଭୌତିକ / ଆଙ୍ଗୀକ ଓ ଆର୍ଥିକ ସଫଳତା ମାନ ନିମ୍ନରେ ପ୍ରଦାନ କରାଯାଇଛି ।

| ବିଷୟ | ୨୦୨୦-୨୧ | ୨୦୨୧-୨୨ (୧୮.୦୨.୨୦୨୨) |
|---|---|---|
| ଲାଇନ ବିଭାଗ ଦ୍ୱାରା ସୃଷ୍ଟି ହୋଇଥିବା ଶ୍ରମ ଦିବସ | ୩୬୮.୬୩ ଲକ୍ଷ | ୪୨୨.୫୭ ଲକ୍ଷ |
| ଖର୍ଚ୍ଚ | ୧୦୪୯.୪୫ କୋଟି | ୧୧୫୬.୫୬ କୋଟି |

## ୨୦ଟି ଦାଦନ ପ୍ରବଣ ବ୍ଲକରେ ପ୍ରଦର୍ଶନ :

୨୦୨୧-୨୨ ଆର୍ଥିକ ବର୍ଷରେ ଦାଦନ ସମସ୍ୟାକୁ ସମାଧାନ କରିବା ନିମନ୍ତେ ରାଜ୍ୟ ସରକାର ସର୍ବନିମ୍ନ ମଜୁରୀ ୩୦୮ ଟଙ୍କା ଏବଂ ମହାତ୍ମା ଗାନ୍ଧି ନରେଗା ମଜୁରୀ ୨୧୫ ଟଙ୍କା ଏବଂ ବରଗଡ଼, ବଲାଙ୍ଗୀର, କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାର ୨୦ଟି ଦାଦନ ପ୍ରବଣ ବ୍ଲକରେ ଅତିରିକ୍ତ ୨୦୦ ଦିନର କାର୍ଯ୍ୟ ଯୋଗାଣ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେଇଛନ୍ତି ।

**ମହାତ୍ମା ଗାନ୍ଧି ନରେଗାରେ ୨୦ଟି ଦାଦନ ପ୍ରବଣ ବ୍ଲକରେ ହୋଇଥିବା ସଫଳତା ସବୁକୁ ନିମ୍ନରେ ପ୍ରଦାନ କରାଯାଇଛି :**

| ସୂଚକ | ୨୦୨୦-୨୧ | ୨୦୨୧-୨୨ (୧୮.୦୨.୨୦୨୨) |
|---|---|---|
| ମୋଟ୍ ଶ୍ରମଦିବସ ସୃଷ୍ଟି (କୋଟିରେ) | ୨.୧୯ | ୧.୮୩ |
| ୧୦୦ ଦିବସ କାର୍ଯ୍ୟ ପାଇଥିବା ପରିବାର | ୭୪୪୧୨ | ୫୯୨୧୪ |
| ୨୦୦ ଦିନ କାର୍ଯ୍ୟ ସଂପୂର୍ଣ୍ଣ କରିଥିବା ପରିବାର | ୧୨୬୨୪ | ୯୬୩୪ |
| ୩୦୦ ଦିନ କାର୍ଯ୍ୟ କରିଥିବା ପରିବାର | ୧୯୫ | ୨୭୩ |
| ଖର୍ଚ୍ଚ (କୋଟିରେ) | ୬୭୮.୫୪ | ୫୭୭.୭୦ |

**୨୦୨୧-୨୨ ଆର୍ଥିକ ବର୍ଷ ନିମନ୍ତେ ମହାତ୍ମା ଗାନ୍ଧି ନରେଗା ଅଧିନରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ:**

- ସମସ୍ତ ୬୭୯୮ ଗ୍ରାମ ପଞ୍ଚାୟତ ପାଇଁ ଜିପି ଜିଆଇଏସ୍ ଯୋଜନା ସମାପ୍ତ
- ସମ୍ପତ୍ତି ଗୁଡ଼ିକର ଜିଓ ଟ୍ୟାଗିଂ ପ୍ରଥମ ପର୍ଯ୍ୟାୟରେ ୯୯.୯୫%, ଦ୍ୱିତୀୟ ପର୍ଯ୍ୟାୟ ସମୟରେ ୬୧.୨୮% ଏବଂ ଦ୍ୱିତୀୟ ପର୍ଯ୍ୟାୟ ପରେ ୪୭% ହୋଇଛି ।
- ସକ୍ରିୟ ଥିବା ୭୮.୭୧ ଲକ୍ଷ ଶ୍ରମିକଙ୍କ ମଧ୍ୟରୁ ୭୭.୪୯ ଲକ୍ଷ ଶ୍ରମିକଙ୍କର ଆଧାର ସଂଯୋଗୀକରଣ ଶେଷ ହୋଇଅଛି, ଯାହାକି ୯୮.୪୪ ପ୍ରତିଶତ ଅଟେ ।
- ଏନ୍.ଏମ୍.ଏମ୍.ଏସ୍ ଆପ ମାଧ୍ୟମରେ ୨୦ ଜଣ ବା ତା'ଠାରୁ ଅଧିକ ସଂଖ୍ୟକ ଶ୍ରମିକ ନିୟୋଜିତ ଥିବା ୧୧୯୨୪ଟି କାର୍ଯ୍ୟର ଫଟୋ ଉଠାଯାଇଛି ଓ ସେମାନଙ୍କର ଉପସ୍ଥାନ ରେକର୍ଡ କରାଯାଇଛି ।
- ବ୍ଲକ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟ ଚାଲୁ ରହିଥିବା ସମୟରେ ରାଜ୍ୟ / ଜିଲ୍ଲା (ଜିଲ୍ଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା) ଭଳି ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିଛନ୍ତି, ଯାହାର ସବିଶେଷ ତଥ୍ୟ ଏରିଆ ଅଫିସର ଆପରେ କଏଦ ହୋଇଛି ।

| ଶ୍ରେଣୀ / ସ୍ତର | ଏରିଆ ଅଫିସର ଆପ ବ୍ୟବହାର କରି (ସେପ୍ଟେମ୍ବର ୨୦୨୧)ଠାରୁ ପରିଦର୍ଶିତ ଜାରି ରହିଥିବା କାର୍ଯ୍ୟ ସଂଖ୍ୟା |
|---|---|
| ନିର୍ଦ୍ଦେଶକ, ସ୍ୱତନ୍ତ୍ର ପ୍ରକଳ୍ପ | ୫୬ |
| ଜିଲ୍ଲାପାଳ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ | ୧୦୬୪ |
| ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା | ୧୯୭୧ |
| ବ୍ଲକ ଉନ୍ନୟନ ଅଧିକାରୀ | ୨୬୩୧ |

- **ସାମାଜିକ ସମୀକ୍ଷା :** ୬୭୯୮ ଗ୍ରାମ ପଞ୍ଚାୟତ ମଧ୍ୟରୁ ୫୦୬୬ ଗ୍ରାମପଞ୍ଚାୟତରେ (୭୪%) ୧୮.୦୨.୨୦୨୨ ସୁଦ୍ଧା ସାମାଜିକ ସମୀକ୍ଷା କାର୍ଯ୍ୟ ଶେଷ ହୋଇଛି ।




ଫାର୍ମପଣ୍ଡ, କନ୍ଧମାଳ




ନର୍ସରୀ, ଗଞ୍ଜାମ

## (ଖ) ଜାତୀୟ ଗ୍ରାମୀଣ ଜୀବିକା ମିଶନ

### (ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି - ORMAS)

ସମିତି ପଞ୍ଜିକରଣ ଅଧିନିୟମ ୧୮୬୦ (Society Registration Act, 1860) ଅଧିନରେ ପଞ୍ଜୀକୃତ ହୋଇଥିବା ଓରମାସ ହେଉଛି ଓଡ଼ିଶା ସରକାରଙ୍କର ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅଧିନସ୍ଥ ଏକ ସ୍ୱୟଂଶାସିତ ସଂସ୍ଥା । ଯାହାକି ଗ୍ରାମୀଣ ବିକାଶ, ମହିଳା ସଶକ୍ତିକରଣ, ଜୀବିକା କାର୍ଯ୍ୟକ୍ରମ, ଗ୍ରାମୀଣ ବିପଣନ ଉପରେ କାର୍ଯ୍ୟ କରିଥାଏ । ୨୬ ବର୍ଷରୁ ଅଧିକ ସମୟ ଧରି ସଫଳତାର ସହ କାର୍ଯ୍ୟ କରୁଥିବା ଓରମାସ ଗ୍ରାମୀଣ ଟେକନୋଲଜି, ବିଭିନ୍ନ ସ୍ୱୀକୃତିପ୍ରାପ୍ତ ଡିଜାଇନ ଓ ଉତ୍ପାଦନର ବିକାଶ, ଦ୍ରବ୍ୟ ସମୂହର ଆବରଣ, ପ୍ରମାଣୀକରଣ, ବ୍ରାଣ୍ଡିଂ ମାଧ୍ୟମରେ କ୍ଷୁଦ୍ର ଉଦ୍ୟୋଗ, ଗ୍ରାମୀଣ ଉତ୍ପାଦକଙ୍କ ପାଇଁ ବିଭିନ୍ନ ବିପଣନ ପ୍ରଣାଳୀ ସୃଷ୍ଟି କରି ଦୀର୍ଘସ୍ଥାୟୀ ଜୀବିକାର ବିକାଶ କରି ପାରିଛି । ଓରମାସର ମୁଖ୍ୟ ଉଦ୍ଦେଶ୍ୟ ସବୁ ନିମ୍ନରେ ପ୍ରଦାନ କରାଗଲା –

- ଓଡ଼ିଶାର ବିଭିନ୍ନ ସ୍ଥାନରୁ ଉତ୍ପାଦିତ ହେଉଥିବା ଗ୍ରାମୀଣ ଉତ୍ପାଦ (କୃଷି, ଉଦ୍ୟାନ କୃଷି, ଲଘୁ ବନଜାତ ଦ୍ରବ୍ୟ) ସମୂହର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ନିମନ୍ତେ ଓରମାସ ପଛରୁ ଓ ଆଗରେ ରହି ବିପଣନ ସଂଯୋଗ ଯୋଗାଇ ଦେଉଅଛି ।
- ଉପଯୁକ୍ତ ଟେକ୍ନୋଲୋଜୀର ବ୍ୟବହାର କରି ଉତ୍ପାଦର ବିବିଧୀକରଣ ଓ ମୂଲ୍ୟବୃଦ୍ଧି, ପ୍ରମାଣୀକରଣ ଓ ବ୍ରାଣ୍ଡିଂ ମାଧ୍ୟମରେ ଗ୍ରାମୀଣ ଉତ୍ପାଦକଙ୍କ ଉତ୍ପାଦର ମାନବୃଦ୍ଧି କରିବାରେ ସହାୟତା ପ୍ରଦାନ କରିବା ।
- କର୍ପୋରେଟ ଅନୁବନ୍ଧନ ଓ ବିଭିନ୍ନ ସଂସ୍ଥା ପ୍ରତିଷ୍ଠା କରି ଗ୍ରାମୀଣ ଉତ୍ପାଦକୁ ବିପୁଳ ମାତ୍ରାରେ ବିକ୍ରି ନିମନ୍ତେ ସହାୟତା ପ୍ରଦାନ କରିବା । ଗ୍ରାମୀଣ ଉତ୍ପାଦକୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ ସହ ବିପଣନ ନିମନ୍ତେ ଖୁଚୁରା ଆଉଟଲେଟ ଓ ସରକାରୀ ସଂସ୍ଥା ସହ ଅନୁବନ୍ଧନ ଓ ବିକ୍ରି ପ୍ରଣାଳୀ ସୃଷ୍ଟି କରିବା ।
- ଜାତୀୟ, ରାଜ୍ୟ ଓ ଜିଲ୍ଲା ସ୍ତରରେ ପ୍ରଦର୍ଶନୀ ଓ ମେଳା ଆୟୋଜନ କରି ଗ୍ରାମୀଣ ଉତ୍ପାଦର ପ୍ରଦର୍ଶନ ଓ ବିକ୍ରୟ କରିବା ।

### ଆଜୀବିକା କାର୍ଯ୍ୟକ୍ରମ :

ଗ୍ରାମୀଣ କାରିଗରଙ୍କ ଜୀବନଶୈଳୀ ତଥା ଜୀବିକା ନିର୍ବାହ ପ୍ରଣାଳୀରେ ସୁଧାର ଆଣିବା ସହ କାରିଗରଙ୍କ ସାମଗ୍ରୀ ଗୁଡିକର ସଠିକ ବିକ୍ରିବଟା ପାଇଁ ଏକ ଉପଯୁକ୍ତ ବିପଣନ ଚ୍ୟାନେଲ ପ୍ରତିଷ୍ଠା ଦିଗରେ ପ୍ରୟାସ ଚଳାଇଛି ଓରମାସ । ଦୀର୍ଘ ୨୭ ବର୍ଷ ଧରି ଓରମାସ, ନିମ୍ନ ଲିଖିତ ବିଷୟ ଗୁଡିକ ଉପରେ ଗୁରୁତ୍ୱ ଦେଇଆସୁଛି;

- ପ୍ରମୁଖ ଗ୍ରାମୀଣ ଉତ୍ପାଦ, କାର୍ଯ୍ୟକ୍ରମ ତଥା ଦକ୍ଷତାର ଚିହ୍ନଟ
- ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ
- ଜିନିଷ ବିକ୍ରିବଟା ପାଇଁ ବଜାର ଚିହ୍ନଟ କରିବା

- ଗ୍ରାମୀଣ ଉତ୍ପାଦ ଗୁଡିକର ସଠିକ ବିକ୍ରିବଟା ଏବଂ ବଜାର ସୁବିଧା ଦିଗରେ ସମନ୍ୱୟର ଅଭାବ ପ୍ରସଙ୍ଗରେ ସମସ୍ୟା ଗୁଡିକର ଚିହ୍ନଟ ଏବଂ ତତ୍ ସମ୍ପର୍କିତ ସମସ୍ୟାର ସମାଧାନ କରିବା ।




ପ୍ରାରମ୍ଭରୁ ଓରମାସ କେବଳ ଗ୍ରାମୀଣ ଏସ.ଏଚ.ଜି ମାନଙ୍କ କାର୍ଯ୍ୟ ଏବଂ ସେମାନଙ୍କ ଆର୍ଥିକ ବିକାଶ ଦିଗରେ ହସ୍ତକ୍ଷେପ କରୁଥିଲା । ଗ୍ରାମାଞ୍ଚଳର ଗରିବ ମହିଳାମାନଙ୍କୁ ଗୋଷ୍ଠୀରେ ସାମିଲ କରି ସେମାନଙ୍କ ଆର୍ଥିକ ଅବସ୍ଥାରେ ସୁଧାର ଆଣିବା ଥିଲା ମୁଖ୍ୟ ଲକ୍ଷ୍ୟ । ଏବେ କିନ୍ତୁ ଏନ.ଆର.ଏଲ.ଏମ (ଜାତୀୟ ଗ୍ରାମୀଣ ଜୀବିକା ମିଶନ)ର ଆବିର୍ଭାବ ପରେ ଏହି ପ୍ରକ୍ରିୟାରେ ପରିବର୍ତ୍ତନ ପରିଲକ୍ଷିତ ହୋଇଛି ।

## ହାସଲ ହୋଇଥିବା ପ୍ରମୁଖ ସଫଳତାଗୁଡ଼ିକ ହେଲା :

- ଜୀବିକା କ୍ଲଷ୍ଟର ଗଠନ ସହ ଅଧିକ ରୋଜଗାର ସମ୍ପନ୍ନ କାର୍ଯ୍ୟକ୍ରମ ପାଇଁ ସେଗୁଡିକର ସଂପ୍ରସାରଣ
- ଉତ୍ପାଦକ ଗୋଷ୍ଠୀମାନଙ୍କୁ ଏକାଠି କରି ଉତ୍ପାଦକ କମ୍ପାନି ଗଠନ କରିବା
- ଡିଜାଇନର ବିକାଶ, ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ଓ ବ୍ରାଣ୍ଡିଂ ଇତ୍ୟାଦି
- ବଜାର ସଂଯୋଗୀକରଣ ଏବଂ କାର୍ଯ୍ୟପନ୍ଥା
- ମୂଲ୍ୟ ଶୃଙ୍ଖଳ (ଭାଲ୍ୟୁଚେନ) ଏବଂ ପ୍ରକ୍ରିୟା କରଣ

ସେମାନଙ୍କ ଉତ୍ପାଦଗୁଡିକୁ ସାମୂହିକ ଭାବେ ସଂଗ୍ରହ କରିବା, ସେଗୁଡିକର ପ୍ରକ୍ରିୟାକରଣ, ମୂଲ୍ୟ ଯୁକ୍ତ କରିବା, ସେମାନଙ୍କ ସାମାଜିକ ଓ ଆର୍ଥିକ ଆବଶ୍ୟକତା ମେଣ୍ଟାଇବା ଏବଂ ବିପଣନ ସୁବିଧା ଯୋଗାଇଦେବାର ମୂଳଲକ୍ଷ୍ୟ ହେଉଛି ଉତ୍ପାଦକ ଗୋଷ୍ଠୀମାନଙ୍କୁ ଏକତ୍ରିତ କରି ଗୋଟିଏ ଆର୍ଥିକ ବା ବ୍ୟବସାୟିକ ଛତା ତଳେ ରଖିବା ।



ନିମ୍ନରେ ଦିଆଯାଇଥିବା ଲକ୍ଷ୍ୟ ହାସଲ ଉଦ୍ଦେଶ୍ୟରେ ଓରମାସ ଉତ୍ପାଦକ ଗୋଷ୍ଠୀ ଏବଂ ଉତ୍ପାଦକ କମ୍ପାନୀ ଗଠନ କରିଥିଲା । ଯାହାକି ଗ୍ରାମୀଣ ଗରିବ ଏବଂ ଛୋଟ ଉତ୍ପାଦକମାନଙ୍କ ଦ୍ୱାରା ପରିଚାଳିତ ହୋଇ ସେମାନଙ୍କ ପାରସ୍ପରିକ ସୁବିଧା ଓ ସାଧାରଣ ଜିନିଷର ସୁବିଧା ପାଇପାରୁଥିଲେ ।

- ଭିତ୍ତିଭୂମି
- ପ୍ରାରମ୍ଭିକ ସାହାଯ୍ୟ
- ଦକ୍ଷତା ବିକାଶ
- ଆର୍ଥିକ ସହାୟତା
- ସ୍ଥାୟୀ ବଜାର ବ୍ୟବସ୍ଥା

ଆର୍ଥିକ ବର୍ଷ ୨୦୧୯-୨୦ ରୁ ୨୦୨୧-୨୦୨୨ ମଧ୍ୟରେ ଓରମାସ ୫୪୨ ଗୋଟି ଉତ୍ପାଦକ ଗୋଷ୍ଠୀ ଗଠନ କରିଅଛି । ଓରମାସ ଦ୍ୱାରା ଗଠିତ ମୋଟ୍ ୧୩୬୧ ଗୋଟି ଉତ୍ପାଦକ ଗୋଷ୍ଠୀ ରାଜ୍ୟରେ କାର୍ଯ୍ୟ କରୁଛନ୍ତି । ଡ଼ିସେମ୍ବର ୨୦୨୧ ସୁଦ୍ଧା ମୋଟ୍ ୧୦୧.୦୦ କୋଟି ଟଙ୍କାର ବ୍ୟବସାୟ ସୁବିଧା ଦିଆଯାଇଛି ।

## ବିପଣନ :

### (୧) ଶକ୍ତି ଗାଁ ପ୍ରକଳ୍ପ (ସ୍ୱୟଂ ସହାୟକ ଗୋଷ୍ଠୀ/ଉତ୍ପାଦକ ଗୋଷ୍ଠୀ ମାଧ୍ୟମରେ ଏଲପିଜି ଗ୍ୟାସ ବିତରଣ)



Empowering rural women through LPG distributorship

ଶକ୍ତି ଗାଁ ପ୍ରକଳ୍ପ ମାଧ୍ୟମରେ ଗ୍ରାମୀଣ ଅଞ୍ଚଳରେ ମହିଳା ସଶକ୍ତିକରଣ ପାଇଁ ଲିକ୍ୟୁଡ ପେଟ୍ରୋଲିୟମ ଗ୍ୟାସ ବା ଏଲ.ପି.ଜିର ବିତରଣ ନିମନ୍ତେ ମହିଳାମାନଙ୍କୁ ଦାୟିତ୍ୱ ଦିଆଯାଇଛି । ୨୦୦୫ ମସିହାରେ ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ ଓ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ ପରି ପ୍ରମୁଖ ତୈଳ ଓ ଗ୍ୟାସ କମ୍ପାନିର ସହାୟତାରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ଦ୍ୱାରା ଓଡ଼ିଶାର ୪ଟି ଜିଲ୍ଲା ଯଥା ଗଞ୍ଜାମ, ସୁନ୍ଦରଗଡ଼, ମୟୁରଭଞ୍ଜ ଓ

ଜଗତସିଂହପୁରରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଏଲପିଜି ବିତରଣରେ ସାମିଲ କରାଯାଇଥିଲା । ଏହି ସବୁ ଜିଲ୍ଲାରେ ଜିଲ୍ଲା ଯୋଗାଣ ଓ ବିପଣନ ସମିତିକୁ ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ ଓ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡର ଏଲପିଜି ଡିଲରସିପ ଦିଆଯାଇଅଛି । ଏଥିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସମୂହ ଯୋଗାଣ ଓ ବିପଣନ ସମିତି ତରଫରୁ ଜିଲ୍ଲାର ବିଭିନ୍ନ ବ୍ଲକରେ ଶକ୍ତି ରିଟେଲ ଭାବେ କାର୍ଯ୍ୟ କରୁଅଛନ୍ତି । ଏହା ଦ୍ୱାରା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ଆର୍ଥିକ ସୁବିଧା (ପୁଣି ଭର୍ତ୍ତି ପାଇଁ ୨୦ ଟଙ୍କା, ଓ ନୂଆ ଗ୍ୟାସ  ସଂଯୋଗ ପାଇଁ ୪୫୦ ଟଙ୍କା) ସିଧାସଳଖ ପାଇପାରୁଛନ୍ତି । ଶକ୍ତି ଗାଁ ପ୍ରକଳ୍ପ ମାଧ୍ୟମରେ ଡ଼ିସେମ୍ବର ୨୦୨୧ ପର୍ଯ୍ୟନ୍ତ ଉପରୋକ୍ତ ୪ଟି ଜିଲ୍ଲାର ୫୯ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ନିୟୋଜିତ କରାଯାଇ ମୋଟ୍ ୮୩,୪୦୫ ଟି ଗ୍ୟାସ ସଂଯୋଗ ପ୍ରଦାନ କରାଯାଇଅଛି ।

**ଜିଲ୍ଲାୱାରୀ ତାଲିକା ନିମ୍ନରେ ପ୍ରଦାନ କରାଗଲା**

| ଜିଲ୍ଲା | କମ୍ପାନୀ ସହ ଅନୁବନ୍ଧନ | ମସିହା ଓ ମାସ | ସାମିଲ ହୋଇଥିବା ସ୍ୱୟଂ ସହାୟକ ଗୋଷ୍ଠୀର ସଂଖ୍ୟା | ଏସଏଚଜି ସଦସ୍ୟାଙ୍କ ସଂଖ୍ୟା | ମୋଟ୍ ସଂଯୋଗ ସଂଖ୍ୟା |
|---|---|---|---|---|---|
| ଗଞ୍ଜାମ | ଆଇଓସିଏଲ | ଫେବୃଆରୀ ୨୦୦୫ | ୨୦ | ୨୩୯ | ୪୫୩୯୩ |
| ଜଗତସିଂହପୁର | ଆଇଓସିଏଲ | ଅଗଷ୍ଟ ୨୦୦୫ | ୧୬ | ୧୬୪ | ୨୧୩୩୩ |
| ମୟୁରଭଞ୍ଜ | ଆଇଓସିଏଲ | ମଇ ୨୦୦୫ | ୭ | ୧୦୬ | ୮୬୨୦ |
| ସୁନ୍ଦରଗଡ଼ | ବିପିସିଏଲ | ମଇ ୨୦୦୫ | ୧୬ | ୧୮୨ | ୭୯୯୨ |
| | | ମୋଟ୍ | ୫୯ | ୬୯୧ | ୮୩୩୩୮ |

## (୨) ପ୍ରଦର୍ଶନୀ (ଆୟୋଜିତ / ଅଂଶଗ୍ରହଣ)

ଗ୍ରାମୀଣ କାରିଗର ଦ୍ୱାରା ଉତ୍ପାଦିତ ସାମଗ୍ରୀର ବଜାର ସୁବିଧା ଯୋଗାଇବା ନିମନ୍ତେ ଆୟୋଜିତ ହେଉଥିବା ପ୍ରଦର୍ଶନୀ ସବୁ ବେଶ ଗୁରୁତ୍ୱ ବହନ କରେ । ବିଭିନ୍ନ ବର୍ଗର ଗ୍ରାହକଙ୍କ ମଧ୍ୟରେ ଏହି ଉତ୍ପାଦ ସବୁ ସେମାନଙ୍କ ପରିଚୟ ସୃଷ୍ଟି କରିଥାଏ । ଗ୍ରାମୀଣ ଉଦ୍ୟୋଗ ଚିହ୍ନଟ, ଜୀବିକା ସୁବିଧା ସହ ସହରାଞ୍ଚଳ ଓ ଅର୍ଦ୍ଧ ସହରାଞ୍ଚଳରେ ଥିବା ବଜାର ସଂଯୋଗୀକରଣ ପାଇଁ ଏହା ମଧ୍ୟ ବେଶ ସହାୟକ ହୋଇଥାଏ । ଏହି ପ୍ରଦର୍ଶନୀ ସେମାନଙ୍କ ସାମଗ୍ରୀଗୁଡିକୁ ସିଧାସଳଖ ସହରରେ ଥିବା ବଡ ବଡ ବଜାରରେ ବିକ୍ରି, ଗ୍ରାହକଙ୍କ ମତ ଆଦାନ ପ୍ରଦାନ, ନୂତନ ସାମଗ୍ରୀ ବିଷୟରେ ଅଧ୍ୟୟନ,

ସେଗୁଡ଼ିକ ପରଖିବା, ଅନ୍ୟମାନଙ୍କର ଅଭିରୁଚି ଓ ପସନ୍ଦ ସମ୍ପର୍କରେ ବୁଝିବାର ସୁଯୋଗ ଗ୍ରାମୀଣ ଉତ୍ପାଦକ ଗୋଷ୍ଠୀଙ୍କୁ ପ୍ରଦାନ କରିଥାଏ । ତେଣୁ ବିପଣନ କୌଶଳ ସମ୍ପର୍କରେ ଅବଗତ ହୋଇ ନୂତନ ରୂପରେଖରେ ସାମଗ୍ରୀ ପ୍ରସ୍ତୁତି ଓ ସେଗୁଡ଼ିକୁ ବ୍ୟବସ୍ଥିତ କରିବା ସହ ଗ୍ରାହକଙ୍କୁ ଉନ୍ନତମାନର ଉତ୍ପାଦ ଯୋଗାଇ ଦେଇ ଏକ ବୃହତ ବିପଣନର ସୁଯୋଗ ମଧ୍ୟରୁ ନିଜେ ଲାଭାନ୍ୱିତ ହୋଇପାରିବାରେ ଏହା ସେମାନଙ୍କୁ ସାହାଯ୍ୟ କରେ ।

ଓରମାସ ରାଜ୍ୟ ଓ ରାଜ୍ୟ ବାହାରେ ପ୍ରଦର୍ଶନୀର ଆୟୋଜନ ଓ ଅଂଶଗ୍ରହଣ କରି ଗ୍ରାମୀଣ କାରିଗରମାନଙ୍କର ଉତ୍ପାଦିତ ପଦାର୍ଥକୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ବିକ୍ରୟ ବ୍ୟବସ୍ଥା କରିଥାଏ । ୨୦୧୯-୨୦ରୁ ୨୦୨୦-୨୧ ଆର୍ଥିକ ବର୍ଷରେ ମୋଟ ୯୭ ଗୋଟି ପ୍ରଦର୍ଶନୀର ଆୟୋଜନ ଓ ଅଂଶଗ୍ରହଣ କରି ୬୫୪୭ ଗୋଟି ସ୍ୱୟଂ ସହାୟକ ଗୋଷ୍ଠି / ଉତ୍ପାଦକ ଗୋଷ୍ଠି / ଉତ୍ପାଦକ କମ୍ପାନୀଙ୍କର ମୋଟ୍ ୬୯୭୫.୦୦ କୋଟି ଟଙ୍କାର ବିକ୍ରିବଟାର ବ୍ୟବସ୍ଥା କରାଯାଇଥିଲା ।

## ଗ୍ରାମୀଣ ଉତ୍ପାଦର ବିକ୍ରି ନିମନ୍ତେ ବାଣିଜ୍ୟିକ ଚୁକ୍ତିନାମା :

### (୧) ଖୁଚୁରା ବଜାରରେ ଆମ୍ବ ବିକ୍ରି :



ଆମ୍ବ ଚାଷୀଙ୍କୁ ବିକ୍ରି ନିମନ୍ତେ ସୁବିଧା ଯୋଗାଇବା ସହ ଉପଯୁକ୍ତ ମୂଲ୍ୟ ପ୍ରଦାନ ଥିଲା ଏହାର ମୂଳ ଉଦ୍ଦେଶ୍ୟ ଉତ୍ପାଦକ ଗୋଷ୍ଠୀଙ୍କ ଦ୍ୱାରା ଅନୁଗୁଳର ନାଲକୋ ନଗର, ତାଳଚେର, ଏନଟିପିସି, କଣିହାଁ, କୋରାପୁଟର ସୁନାବେଡା, ଦାମନଯୋଡ଼ି, ଯାଜପୁର ଓ ରାୟଗଡ଼ାର ଚିକିଟି ପରି ବିଭିନ୍ନ ସ୍ଥାନରେ ଆମ୍ବ ବିକ୍ରୟ ନିମନ୍ତେ ଅସ୍ଥାୟୀ ବଜାର ଖୋଲାଯାଇଥିଲା ।

୨୦୧୯-୨୦ ରୁ ୨୦୨୧-୨୨ ମସିହା (ଡିସେମ୍ବର ମାସ)ରେ ରାଜଧାନୀ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ଆମ୍ବ ମେଳା ଆୟାଜିତ ହୋଇଥିଲା । ଏହି ମେଳାରେ ରାଜ୍ୟର ୧୦ଟି ଜିଲ୍ଲାରୁ ଆମ୍ବ ଚାଷୀ ସେମାନଙ୍କ ଆମ୍ବ ବିକ୍ରି ଓ ପ୍ରଦର୍ଶନ କରିବାର ସୁଯୋଗ ପାଇଥିଲେ । ଏହି ମେଳାରେ ମୋଟ ୩୮,୧୫୮ କେଜି ଆମ୍ବ ବିକ୍ରି ହୋଇଥିବା ବେଳେ ୨୧,୪୫,୭୫୦ ଟଙ୍କାର କାରବାର ହୋଇଥିଲା । ଉତ୍ପାଦିତ ଆମ୍ବକୁ ସ୍ୱଳ୍ପ ମୂଲ୍ୟରେ ଚାଷୀମାନେ ସେମାନଙ୍କ ଗ୍ରାମରେ ବା ସ୍ଥାନୀୟ ବଜାରରେ ବିକ୍ରି କରିଥାନ୍ତି । ଏହି ସ୍ଥିତିରେ ସୁଧାର ଆଣିବା ପାଇଁ ଓରମାସ ଦ୍ୱାରା ବିଭିନ୍ନ ଜିଲ୍ଲା ମୁଖ୍ୟାଳୟ ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ଅସ୍ଥାୟୀ ଆମ୍ବ ବଜାର ଆରମ୍ଭ କରାଯାଇଥିଲା ।

## (୨) ତରଭୂଜ :



ସେହିପରି ତରଭୁଜ ବିକ୍ରି ପାଇଁ ମଧ୍ଧ ଓରମାସ ବଲାଙ୍ଗୀର ଏବଂ ଝାରସୁଗୁଡାରେ ଚାଷୀ ଏବଂ ଉତ୍ପାଦକ ଗୋଷ୍ଠୀଙ୍କୁ ସହଯୋଗ କରିଥିଲା । ୨୦୧୯-୨୧ - ୨୦୨୧-୨୨ ମସିହାରେ, ଉତ୍ପାଦକ ଗୋଷ୍ଠୀମାନଙ୍କ ଠାରୁ ୭୯ ମେଟ୍ରିକ ଟନ ତରଭୁଜ ରିଲାଏନ୍ସ ଫ୍ରେସକୁ ବିକ୍ରି କରାଯାଇଥିବା ବେଳେ ୨୯ ମେଟ୍ରିକ ଟନ ଦୁବାଇକୁ ରପ୍ତାନୀ କରାଯାଇଥିଲା ।

(୩) ଧୂପବତୀ, ଆମ୍ବ, ଡାଲିଜାତୀୟ ଶସ୍ୟ, ସବାଇ, ଫୁଲଝାଡୁ, ପନିପରିବା, ରବର ଏବଂ ଲଘୁ ବନଜାତ ଦ୍ରବ୍ୟ ସମୂହର ବିକ୍ରିବଟା ନିମନ୍ତେ ବିଭିନ୍ନ ସଂସ୍ଥା ଓ ଫାର୍ମଗୁଡ଼ିକୁ ସହାୟତା ପ୍ରଦାନ କରୁଅଛି ।

## ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନା (DDU-GKY) :

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅଧିନସ୍ଥ, ଓରମାସ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଦୀନ୍ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନା ମାଧ୍ୟମରେ, ଗ୍ରାମାଞ୍ଚଳର ଗରିବ ଯୁବକ ଯୁବତୀ ମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି । ଏହି ଯୋଜନାର ମୂଖ୍ୟ ଉଦ୍ଦେଶ୍ୟ ହେଉଛି ଗ୍ରାମାଞ୍ଚଳର ଗରିବ ବେକାର ଯୁବକ ଯୁବତୀମାନଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ଦେଇ ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା । ନିଯୁକ୍ତି ସୁଯୋଗ ସୃଷ୍ଟି କରି ଦାରିଦ୍ର୍ୟ ଦୂରୀକରଣ କରିବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ ।

## ଯୋଜନାର ମୁଖ୍ୟ ଲକ୍ଷ୍ୟ :

- ଗ୍ରାମୀଣ ଯୁବକଙ୍କ ଦକ୍ଷତା ବିକାଶ ପାଇଁ ମାଗଣା ତାଲିମ ପ୍ରଦାନ
- ତାଲିମ ଅବଧି ୩, ୬, ୯ ଓ ୧୨ ମାସ
- ବୟସ ସୀମା ୧୫ ରୁ ୩୫ ବର୍ଷ

- ଇଂରାଜୀ କହିବା, ସଫ୍ଟ ସ୍କିଲ, ବେସିକ କମ୍ପ୍ୟୁଟର ସ୍କିଲ ସମ୍ପର୍କିତ ତାଲିମ
- ଯୋଜନାରେ ଅନୁସୂଚିତ ଜାତି, ଜନଜାତି ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ପାଇଁ ୬୭ ପ୍ରତିଶତ ଏବଂ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ
- ତାଲିମ ପ୍ରାପ୍ତଙ୍କ ମଧ୍ୟରୁ ୭୦ ପ୍ରତିଶତଙ୍କୁ ବାଧ୍ୟତାମୂଳକ ନିଯୁକ୍ତି ସୁଯୋଗ
- ସାଧାରଣତଃ ମାସିକ ଦରମା ୬୦୦୦ ଟଙ୍କା କିମ୍ବା ସର୍ବନିମ୍ନ ଦୈନିକ ମଜୁରୀ ଆଧାର ମଧ୍ୟରୁ ଯେଉଁଟି ଅଧିକ

୨୦୧୯-୨୦ ଆର୍ଥିକ ବର୍ଷରେ ରାଜ୍ୟରୁ ମୋଟ୍ ୩୩,୦୨୩ ଜଣ ଯୁବକ ଓ ଯୁବତୀ ଏହି ଯୋଜନାରେ ତାଲିମ ନେଇଥିବା ବେଳେ ୨୬,୫୬୧ ଜଣ ବିଭିନ୍ନ ସ୍ଥାନରେ ନିଯୁକ୍ତି ପାଇ ରୋଜଗାରକ୍ଷମ ହୋଇପାରିଛନ୍ତି । ବର୍ତ୍ତମାନ ଏହି ଯୋଜନାରେ ୭୪ଟି ପ୍ରଶିକ୍ଷଣ ପ୍ରଦାନକାରୀ ସଂସ୍ଥା ରାଜ୍ୟର ବିଭିନ୍ନ ଜିଲ୍ଲାରେ ୧୪୨ ତାଲିମ କେନ୍ଦ୍ରରେ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି ।

ଆମ ରାଜ୍ୟରେ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବା ଦିନଠାରୁ ମୋଟ୍ ୧,୮୯,୮୬୭ ଜଣ ଗ୍ରାମୀଣ ଯୁବକ ଓ ଯୁବତୀ ତାଲିମ ନେଇସାରିଥିବା ବେଳେ ସେମାନଙ୍କ ମଧ୍ୟରୁ ମୋଟ୍ ୧,୩୦,୨୭୮ ଜଣ ଯୁବକ ଓ ଯୁବତୀ ରାଜ୍ୟ ଓ ରାଜ୍ୟ ବାହାରେ ବିଭିନ୍ନ ବେସରକାରୀ ସଂସ୍ଥାରେ ନିଯୁକ୍ତି ସୁଯୋଗ ପାଇଛନ୍ତି । ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିଥିବାରୁ କେନ୍ଦ୍ର ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରାଳୟ ତରଫରୁ ଓରମାସକୁ ୨୦୧୬-୧୭, ୨୦୧୭-୨୦୧୮ ଓ ୨୦୧୮-୧୯ ମସିହାରେ ଲଗାତର ୩ ଥର ପାଇଁ ଶ୍ରେଷ୍ଠ ରାଜ୍ୟ ଭାବେ ପୁରସ୍କୃତ କରିଛନ୍ତି । ଏହି କାର୍ଯ୍ୟକ୍ରମ କରିବା ପାଇଁ ଓରମାସ ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ଠାରୁ ୯୯୭.୫୭ କୋଟି ଟଙ୍କା ପାଇଛନ୍ତି ଓ ୯୨୨.୩୫ କୋଟି ଟଙ୍କା ଖର୍ଚ୍ଚ କରିଅଛି ।

## ନିଯୁକ୍ତି

ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ସ୍ୱଚ୍ଛତା ଓ ସଫଳତାର ସହିତ ଚୟନ ହୋଇଥିବା ୨୧୦ ଜଣ ମନୋନୀତ ସହଯୋଗୀ-ନିର୍ବାହୀ ଯନ୍ତ୍ରୀ (ବିଭାଗ-କ) ପ୍ରାର୍ଥୀ / ପ୍ରାର୍ଥିନୀମାନଙ୍କୁ ରାଜ୍ୟର ବିଭିନ୍ନ ଗୋଷ୍ଠୀ ଉନ୍ନୟନ ସଂସ୍ଥାଗୁଡିକରେ ନିଯୁକ୍ତି ପ୍ରଦାନ କରାଯାଇଅଛି ।

# ୨ ମୌଳିକ ସେବା କାର୍ଯ୍ୟକ୍ରମ

## (କ) ଗ୍ରାମୀଣ ଗୃହ ନିର୍ମାଣ ଯୋଜନା

ଗ୍ରାମୀଣ ଗୃହ ନିର୍ମାଣ କ୍ଷେତ୍ରରେ ସମଗ୍ର ଦେଶରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟର ମାନ୍ୟତା ହାସଲ କରିପାରିଛି । ଗାଁ ଗହଳିରେ ରହୁଥିବା ସମସ୍ତ ପରିବାର ତଥା କଚ୍ଚା ଘରେ ରହୁଥିବା ପରିବାରଙ୍କୁ ପକ୍କା ଘର ଯୋଗାଇଦେବା ପାଇଁ ରାଜ୍ୟ ସରକାର ସଙ୍କଳ୍ପବଦ୍ଧ । ଏହି ପରିପ୍ରେକ୍ଷୀରେ, ବିଭିନ୍ନ ଗ୍ରାମୀଣ ଗୃହ ନିର୍ମାଣ ଯୋଜନା ଅଧୀନରେ ୨୦୧୪-୧୫ ମସିହାରୁ ଅଦ୍ୟାବଧି ଓଡ଼ିଶା ୩୧ ଲକ୍ଷରୁ ଊର୍ଦ୍ଧ୍ୱ ପକ୍କାଘର ନିର୍ମାଣ କରିସାରିଛି । ଏହି ଯୋଜନାକୁ ସାର୍ବଜନୀନ କରିବା ଉଦ୍ଦେଶ୍ୟରେ, ରାଜ୍ୟ ସରକାର ୧୨ ଲକ୍ଷ ୨୫ ହଜାର ପରିବାରଙ୍କୁ ଯୋଗ୍ୟତା ଭିତ୍ତିରେ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ସାମିଲ କରିବାକୁ ଚିହ୍ନଟ କରିଛନ୍ତି ।

ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ନିମ୍ନ ଲିଖିତ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାଗୁଡିକ କାର୍ଯ୍ୟକାରୀ କରାଯାଉଛି ।

**୧- ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)**
**୨- ବିଜୁ ପକ୍କା ଘର ଯୋଜନା**
**୩- ବିଜୁ ପକ୍କା ଘର ଯୋଜନା (ତିତିଲି)**
**୪- ପକ୍କା ଘର ଯୋଜନା (ଖଣି)**
**୫- ନିର୍ମାଣ ଶ୍ରମିକ ପକ୍କା ଘର ଯୋଜନା**

### (୧) ପ୍ରଧାନମନ୍ତ୍ରୀ ଆବାସ ଯୋଜାନ (ଗ୍ରାମୀଣ) :




ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଦ୍ୱାରା ଇନ୍ଦିରା ଆବାସ ଯୋଜନାକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ପରିବର୍ତ୍ତିତ କରାଯାଇଅଛି । ସାମାଜିକ, ଅର୍ଥନୈତିକ ଜାତିଭିତ୍ତିକ ଜନଗଣନା - ୨୦୧୧ ରିପୋର୍ଟ ଆଧାରରେ, ଗୃହହୀନ ଓ ଦୁଇରୁ କମ୍ କୋଠରୀ ବିଶିଷ୍ଟ କଚ୍ଚା ଘରେ ବସବାସ କରୁଥିବା ପରିବାରବର୍ଗଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଗୃହ ମଞ୍ଜୁର କରାଯାଇଛି । ଏହି ଗୃହ ନିର୍ମାଣ ସହାୟତା ରାଶି ସମନ୍ୱିତ କାର୍ଯ୍ୟ ଯୋଜନାରେ ତାଲିକାଭୁକ୍ତ ବା IAP ଜିଲ୍ଲାମାନଙ୍କ ପାଇଁ ୧.୩ ଲକ୍ଷ ଟଙ୍କା ହୋଇଥିବାବେଳେ ଅଣ ସମନ୍ୱିତ କାର୍ଯ୍ୟ ଯୋଜନାରେ

ତାଲିକାଭୁକ୍ତ ବା Non-IAP ଜିଲ୍ଲାମାନଙ୍କରେ ୧.୨ ଲକ୍ଷ ଟଙ୍କା ଅଟେ । ଏତଦ୍‌ବ୍ୟତୀତ ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନାରେ IAP ଜିଲ୍ଲାର ହିତାଧିକାରୀମାନଙ୍କୁ ୯୫ ଦିନ ଓ Non-IAP ଜିଲ୍ଲାର ହିତାଧିକାରୀମାନଙ୍କୁ ୯୦ ଦିନ ପର୍ଯ୍ୟନ୍ତ ମଜୁରୀ ମିଳିଥାଏ ।

ହିତାଧିକାରୀଙ୍କୁ ପ୍ରଦାନ କରାଯାଉଥିବା ଅର୍ଥରାଶିକୁ କେନ୍ଦ୍ର ଓ ରାଜ୍ୟ ସରକାର ୬୦:୪୦ ଅନୁପାତରେ ବହନ କରିଥାଆନ୍ତି ।

| ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ର ପ୍ରଗତି (୨୪.୧୨.୨୦୨୧ ସୁଦ୍ଧା) | | | | | |
|---|---|---|---|---|---|
| ଆର୍ଥିକ ବର୍ଷ | ବଜେଟ୍ ଆବଣ୍ଟନ (କୋଟିରେ) | ଅନୁମୋଦିତ ରାଶି (କୋଟିରେ) | ଖର୍ଚ୍ଚ ରାଶି (କୋଟିରେ) | ଲକ୍ଷ୍ୟ | ସମ୍ପୂର୍ଣ୍ଣ ହୋଇଥିବା ଗୃହ |
| 2016-17 | 2,872.23 | 2490.88 | 565.17 | 3,96,102 | 3,77,148 |
| 2017-18 | 5373.04 ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) - ବିଜୁ ପକ୍କାଘର ଯୋଜନା (ସିଏସ୍ଏସ୍) ଅଧିନରେ | 5206.77 | 5887.31 | 3,40,498 | 3,23,400 |
| 2018-19 | 5092.34 ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) - ବିଜୁ ପକ୍କାଘର ଯୋଜନା (ସିଏସ୍ଏସ୍) ଅଧିନରେ | 5452.48 | 4760.03 | 2,55,958 | 2,40,824 |
| 2019-20 | 5071.67 ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) - ବିଜୁ ପକ୍କାଘର ଯୋଜନା (ସିଏସ୍ଏସ୍) ଅଧିନରେ | 3693.60 | 5544.71 | 6,84,433 | 5,77,379 |
| 2020-21 | 5975.99 ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) - ବିଜୁ ପକ୍କାଘର ଯୋଜନା (ସିଏସ୍ଏସ୍) ଅଧିନରେ | 4703.12 | 3653.25 | 2,01,333 | 1,57,701 |
| 2021-22 | 5564 ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) - ବିଜୁ ପକ୍କାଘର ଯୋଜନା (ସିଏସ୍ଏସ୍) ଅଧିନରେ | 1054.36 | 1007.33 | 8,17,513 | 0 |
| ସମୁଦାୟ | **29,949** | **22,601** | **20,852** | **26,95,837** | **16,76,452** |

## (୨) ବିଜୁ ପକ୍କା ଘର ଯୋଜନା

ବିଜୁ ପକ୍କା ଘର ଯୋଜନା ହେଉଛି ରାଜ୍ୟ ସରକାରଙ୍କ ନିଜସ୍ୱ କାର୍ଯ୍ୟକାରୀ ହେଉଥିବା ଏକ ଯୋଜନା । ଓଡ଼ିଶାର ଗ୍ରାମାଞ୍ଚଳରେ ଥିବା ସମସ୍ତ କଚ୍ଚା ଘରକୁ ପକ୍କା ଘରରେ ପରିଣତ କରିବାର ଲକ୍ଷ୍ୟ ହାସଲ କରିବା ନିମନ୍ତେ ପୂର୍ବରୁ ପ୍ରଚଳିତ ହୋଇଆସୁଥିବା 'ମୋ କୁଡିଆ ଯୋଜନା'କୁ ପରିବର୍ତ୍ତିତ କରାଯାଇ ୨୦୧୪-୧୫ ଆର୍ଥିକ ବର୍ଷରେ ଏହି ବିଜୁ ପକ୍କା ଘର ଯୋଜନା ଆରମ୍ଭ କରାଯାଇଅଛି । ଏହି ଯୋଜନା ଅନ୍ତର୍ଗତ, କଚ୍ଚା ଘରେ ବସବାସ କରୁଥିବା ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ୨୫ ବର୍ଗ ମିଟର ବିଶିଷ୍ଟ ପକ୍କା ଘର ନିର୍ମାଣ କରିବା ପାଇଁ ଗୃହ ମଞ୍ଜୁର କରାଯାଇଥାଏ ।



### ❖ ଯୋଜନା ଉପାଦାନ

ବିଜୁ ପକ୍କା ଘର ଯୋଜନାର ଦୁଇଟି ଉପାଦାନ ରହିଛି ।

୧) ବିଜୁ ପକ୍କା ଘର ଯୋଜନା (ସାଧାରଣ)

୨) ବିଜୁ ପକ୍କା ଘର ଯୋଜନା (ସ୍ୱତନ୍ତ୍ର)

## ❖ ବିଜୁ ପକ୍କା ଘର ଯୋଜନା (ସାଧାରଣ) :

କ) ୪ ମାସ ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କଲେ ୨୦,୦୦୦ ଟଙ୍କା ଏବଂ ୬ ମାସ ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କଲେ ୧୦,୦୦୦ ଟଙ୍କା ପ୍ରୋତ୍ସାହନ ରାଶି ଆକାରରେ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥାଏ ।

ଖ) ଉତ୍କର୍ଷ ପୁରସ୍କାର, ବିଭିନ୍ନ ସୂଚନା ପ୍ରଦାନକାରୀ ଶିକ୍ଷଣୀୟ (IEC) ସମଗ୍ରୀ ପ୍ରସ୍ତୁତ କରିବା, ଅଧିକାରୀମାନଙ୍କ ପ୍ରଶିକ୍ଷଣ, ଲୋଗୋ ପ୍ରସ୍ତୁତି ଆଦି ନିମନ୍ତେ ହେଉଥିବା ଖର୍ଚ୍ଚ ଏହିଥିରୁ ଭରଣା କରାଯାଏ ।

## ❖ ବିଜୁ ପକ୍କା ଘର ଯୋଜାନ (ସ୍ୱତନ୍ତ୍ର) :

ନିମ୍ନ ପ୍ରଦତ୍ତ ଉପାଦାନ ଅନ୍ତର୍ଗତ ହିତାଧିକାରୀମାନଙ୍କୁ ଗୃହ ମଞ୍ଜୁର କରାଯାଇଥାଏ ।

- ପ୍ରାକୃତିକ / ମନୁଷ୍ୟକୃତ ଦୁର୍ବିପାକ ଯେପରିକି – ନିଆଁ ଲାଗିବା, ବନ୍ୟା, ବାତ୍ୟା, ଭୂମିକମ୍ପ, ହାତୀ ଉପଦ୍ରବ, ଗୋଷ୍ଠୀ କନ୍ଦଳ, କୌଣସି ଆଇନ ଶୃଙ୍ଖଳା ପରିସ୍ଥିତି ହେତୁ ଉପୁଜିଥିବା ସମସ୍ୟା ଆଦି ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଗ୍ରାମୀଣ ପରିବାର ।
- ନଦୀ ବା ସମୁଦ୍ର ଜଳମଗ୍ନ ହେତୁ ପୀଡିତ ପରିବାର ତଥା ରାଜ୍ୟ ସରକାରଙ୍କ ପ୍ରକଳ୍ପ ଆଦି ଦ୍ୱାରା ବାସହରା ହୋଇ ଅନ୍ୟତ୍ର ସ୍ଥାନାନ୍ତରିତ ହୋଇଥିବା ପରିବାର ।
- ଆଦିମ ଜନଜାତି ପରିବାର ଏବଂ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲ ନିବାସୀ (ଜଙ୍ଗଲ ଅଧିକାର ଆଇନ, ୨୦୦୬ ଦ୍ୱାରା ସ୍ୱୀକୃତିପ୍ରାପ୍ତ) ।
- ବିଭିନ୍ନ ବୃତ୍ତିଗତ ସ୍ୱାସ୍ଥ୍ୟଗତ ସମସ୍ୟା ଯେପରିକି ସିଲିକୋସିସ୍, ଆଜବେଷ୍ଟସ ଏବଂ ଅତ୍ୟଧିକ କୀଟନାଶକ ବ୍ୟବହାର ଆଦିରେ ପୀଡିତ ବ୍ୟକ୍ତି ।
- ଆର୍ଥିକ ଅନଗ୍ରସରତା ମଧ୍ୟ ଦେଇ ଗତି କରୁଥିବା ଅତ୍ୟଧିକ ଗରିବ ଯୋଗ୍ୟ ପରିବାର ଯେଉଁମାନଙ୍କର ପକ୍କା ଘରର ଏକାନ୍ତ ଆବଶ୍ୟକତା ରହିଛି ମାତ୍ର ସେମାନେ ଅନ୍ୟ ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି ।

## ଘରଗୁଡିକର ମରାମତି :

୧) ଯେ କୌଣସି ଗ୍ରାମୀଣ ଗୃହ ନିର୍ମାଣ ଯୋଜନା ଅଧୀନରେ ଘର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ହିତାଧିକାରୀ ପରିବାରଙ୍କୁ ଘର ମରାମତି କରିବା ନିମନ୍ତେ ପର୍ଯ୍ୟାୟକ୍ରମେ ସହାୟତା ରାଶି ପ୍ରଦାନ କରାଯାଉଛି ।

| ବିଜୁ ପକ୍କାଘର ଯୋଜନାର ପ୍ରଗତି (୨୪.୧୨.୨୦୨୧ ସୁଦ୍ଧା) | | | | | |
|---|---|---|---|---|---|
| ଆର୍ଥିକ ବର୍ଷ | ବଜେଟ୍ ଆବଣ୍ଟନ (କୋଟିରେ) | ଅନୁମୋଦିତ ରାଶି (କୋଟିରେ) | ଖର୍ଚ୍ଚ ରାଶି (କୋଟିରେ) | ଲକ୍ଷ୍ୟ | ସମ୍ପୂର୍ଣ୍ଣ ହୋଇଥିବା ଗୃହ |
| 2016-17 | 700 | 700 | 402.91 | 61514 | 57,718 |
| 2017-18 | 5373.04 ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) - ବିଜୁ ପକ୍କାଘର ଯୋଜନା (ସିଏସ୍ଏସ୍) ଅଧିନରେ | 153.84 | 668.39 | 11914 | 11,253 |
| 2018-19 | 5092.34 ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) - ବିଜୁ ପକ୍କାଘର ଯୋଜନା (ସିଏସ୍ଏସ୍) ଅଧିନରେ | 818.93 | 677.24 | 29535 | 27,673 |
| 2019-20 | 5092.34 ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) - ବିଜୁ ପକ୍କାଘର ଯୋଜନା (ସିଏସ୍ଏସ୍) ଅଧିନରେ | 500 | 358.80 | 919 | 372 |
| 2020-21 | 5975.99 ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) - ବିଜୁ ପକ୍କାଘର ଯୋଜନା (ସିଏସ୍ଏସ୍) ଅଧିନରେ | 30 | 307.13 | - | - |
| 2021-22 | 5564 ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) - ବିଜୁ ପକ୍କାଘର ଯୋଜନା (ସିଏସ୍ଏସ୍) ଅଧିନରେ | 873.64 | 226.51 | - | - |
| ସମୁଦାୟ | **27,797** | **3076.41** | **2640.98** | **1,03,632** | **97,016** |

୨) ଯେକୌଣସି ଗ୍ରାମୀଣ ଗୃହ ନିର୍ମାଣ ଯୋଜନା ଅଧୀନରେ ଘର ମଞ୍ଜୁରୀରୁ ବଞ୍ଚିତ ହୋଇଥିବା ଯୋଗ୍ୟ ପରିବାରଙ୍କୁ ବର୍ତ୍ତମାନ ରହୁଥିବା ଘରର ମରାମତି ବାବଦରେ ଏକକାଳୀନ ୫ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯିବ ।

| ବିଜୁ ପକ୍କାଘର ଯୋଜନାର (ତିତିଲି)ର ପ୍ରଗତି (୨୪.୧୨.୨୦୨୧ ସୁଦ୍ଧା) | | | | | |
|---|---|---|---|---|---|
| ଆର୍ଥିକ ବର୍ଷ | ବଜେଟ୍ ଆବଣ୍ଟନ (କୋଟିରେ) | ଅନୁମୋଦିତ ରାଶି (କୋଟିରେ) | ଖର୍ଚ୍ଚ ରାଶି (କୋଟିରେ) | ଲକ୍ଷ୍ୟ | ସମ୍ପୂର୍ଣ୍ଣ ହୋଇଥିବା ଗୃହ |
| 2018-19 | 5092.3 ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) - ବିଜୁ ପକ୍କାଘର ଯୋଜନା (ସିଏସ୍ଏସ୍) ଅଧିନରେ | 176 | 20.44 | 13060 | 0 |
| 2019-20 | 5092.34 ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) - ବିଜୁ ପକ୍କାଘର ଯୋଜନା (ସିଏସ୍ଏସ୍) ଅଧିନରେ | 0 | 100.04 | 0 | 7,890 |
| 2020-21 | 5975.99 ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) - ବିଜୁ ପକ୍କାଘର ଯୋଜନା (ସିଏସ୍ଏସ୍) ଅଧିନରେ | 0 | 26.60 | 0 | 3586 |
| 2021-22 | 5564 ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) - ବିଜୁ ପକ୍କାଘର ଯୋଜନା (ସିଏସ୍ଏସ୍) ଅଧିନରେ | 0 | 5.11 | 0 | 532 |
| ସମୁଦାୟ | **21,724** | **176** | **152** | **13,060** | **12,008** |

## (୩) ବିଜୁ ପକ୍କା ଘର ଯୋଜାନା (ତିତିଲି)

ଏହି ଯୋଜନା ୨୦୧୮-୧୯ ଆର୍ଥିକ ବର୍ଷରେ ସାମୁଦ୍ରିକ ଝଡ ତିତିଲି ତଥା ଝଡ ପରବର୍ତ୍ତୀ ବନ୍ୟାରେ ପ୍ରପୀଡିତ ବାସହରା ପରିବାରଙ୍କୁ ଗୃହ ଯୋଗାଇଦେବା ନିମନ୍ତେ ଆରମ୍ଭ କରାଯାଇଥିଲା ।

## (୪) ପକ୍କା ଘର ଯୋଜନା (ଖଣି) :

ଅନୁଗୁଳ, ଢେଙ୍କାନାଳ, ଯାଜପୁର, ଝାରସୁଗୁଡା, କେନ୍ଦୁଝର, କୋରାପୁଟ, ମୟୁରଭଞ୍ଜ ଓ ସୁନ୍ଦରଗଡ଼ ଆଦି ୮ଟି ଜିଲ୍ଲାର ୬୯୧ ଟି ଖଣି ଅଞ୍ଚଳରେ କଚ୍ଚା ଘରେ ବସବାସ କରୁଥିବା ପରିବାରଙ୍କୁ ବିଜୁ ପକ୍କା ଘର ଯୋଜାନ (ଖଣି) ଅଧୀନରେ ପକ୍କା ଘର ଯୋଗାଇ ଦିଆଯାଉଛି ।

ଓଡ଼ିଶା ଖଣି ଅଞ୍ଚଳ ବିକାଶ ନିଗମ (ଓଏମବିଏଡ଼ିସି) ଦ୍ୱାରା ଅନୁଦାନ ପ୍ରାପ୍ତ ଏହି ଯୋଜନାଟି ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଅଛି । ବିଜୁ ପକ୍କା ଘର ଯୋଜାନ ପରି ଏହି ଯୋଜନାରେ ସମରୂପକ ସହାୟତା ଓ କିସ୍ତି ରାଶି ପ୍ରଦାନ କରାଯାଉଛି ।

**ବିଜୁ ପକ୍କାଘର ଯୋଜନାର (ଖଣି)ର ପ୍ରଗତି (୨୪.୧୨.୨୦୨୧ ସୁଦ୍ଧା)**

| ଆର୍ଥିକ ବର୍ଷ | ପାଇଥିବା ପାଣ୍ଠି (କୋଟିରେ) | ଖର୍ଚ୍ଚ ରାଶି (କୋଟିରେ) | ଲକ୍ଷ୍ୟ | ସମ୍ପୂର୍ଣ୍ଣ ହୋଇଥିବା ଗୃହ |
|---|---|---|---|---|
| 2016-17 | 250 | 151.71 | 28,589 | 2,913 |
| 2017-18 | 152.03 | 149.10 | 1,240 | 14,438 |
| 2018-19 | 0 | 55.10 | 0 | 9,141 |
| 2019-20 | 0 | 18.19 | 0 | 1,858 |
| 2020-21 | 0 | 20.60 | 0 | 247 |
| 2021-22 | 0 | 0.34 | 0 | 121 |
| ସମୁଦାୟ | **402.03** | **395.04** | **29,829** | **28,718** |

## (୫) ନିର୍ମାଣ ଶ୍ରମିକ ପକ୍କା ଘର ଯୋଜନା :

କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ଆଇନ (ଆରଇଏଣ୍ଡ ସିଏସ) ଅନ୍ତର୍ଗତ ଓଡ଼ିଶା କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ବୋର୍ଡ ଅଧୀନରେ ଅତିକମ୍‌ରେ କ୍ରମାଗତ ୧ ବର୍ଷ ପର୍ଯ୍ୟନ୍ତ ବୈଧ ପଞ୍ଜୀକୃତ ହୋଇଥିବା କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକମାନେ ଏହି ନିର୍ମାଣ ଶ୍ରମିକ ପକ୍କା ଘର ଯୋଜନା ମାଧ୍ୟମରେ ପକ୍କା ଘର ନିର୍ମାଣ କରିବା ନିମନ୍ତେ ସହାୟତା ପାଇବା ପାଇଁ ଯୋଗ୍ୟ ଅଟନ୍ତି । ଓଡ଼ିଶା

କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଦ୍ୱାରା ଅନୁଦାନ ପ୍ରାପ୍ତ ଏହି ଯୋଜନାଟି ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଅଛି । ବିଜୁ ପକ୍କା ଘର ଯୋଜନା ପରି ଏହି ଯୋଜନାରେ ସମରୂପକ ସହାୟତା ଓ କିସ୍ତି ରାଶି ପ୍ରଦାନ କରାଯାଉଛି ।

**ନିର୍ମାଣ ଶ୍ରମିକ ପକ୍କାଘର ଯୋଜନାରର ପ୍ରଗତି (୨୪.୧୨.୨୦୨୧ ସୁଦ୍ଧା)**

| ଆର୍ଥିକ ବର୍ଷ | ପାଇଥିବା ପାଣ୍ଠି (କୋଟିରେ) | ଖର୍ଚ୍ଚ ରାଶି (କୋଟିରେ) | ଲକ୍ଷ୍ୟ | ସମ୍ପୂର୍ଣ୍ଣ ହୋଇଥିବା ଗୃହ |
|---|---|---|---|---|
| 2016-17 | 60 | 9.76 | 5,437 | 97 |
| 2017-18 | 190 | 48.53 | 1,365 | 3,352 |
| 2018-19 | 0 | 32.04 | 13,752 | 3,164 |
| 2019-20 | 40 | 140.25 | 3,035 | 10,983 |
| 2020-21 | 0 | 47.51 | 0 | 4,496 |
| 2021-22 | 0 | 6.53 | 0 | 457 |
| ସମୁଦାୟ | **290** | **284.62** | **23,589** | **22,549** |

## ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଦ୍ୱାରା ଗ୍ରହଣ କରାଯାଉଥିବା ଅଭିନବ ପଦକ୍ଷେପ :

### ୧) ହିତାଧିକାରୀଙ୍କୁ ନିର୍ଦ୍ଦିଷ୍ଟ କ୍ଷେତ୍ର ଅଧିକାରୀଙ୍କ ସହ ସଂଯୋଗ କରିବା :

ପ୍ରତ୍ୟେକ ହିତାଧିକାରୀଙ୍କୁ ବ୍ଲକ ସ୍ତରରେ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରୀୟ ଅଧିକାରୀଙ୍କ ସହ ସଂଯୋଗ କରାଯାଉଛି, ଯିଏ କି ହିତାଧିକାରୀଙ୍କୁ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାରେ ସହାୟତା ପ୍ରଦାନ କରୁଛନ୍ତି । ଏହି ପଦକ୍ଷେପ ସଂସଦୀୟ ସ୍ଥାୟୀ କମିଟି ଦ୍ୱାରା ବେଶ୍ ପ୍ରଶଂସନୀୟ ହୋଇପାରିଛି ।

### ୨) ବ୍ୟବସ୍ଥାର ସରଳୀକରଣ :

କ) ନିଜ ପଞ୍ଜୀକୃତ ମୋବାଇଲ ନମ୍ବର ମାଧ୍ୟମରେ ହିତାଧିକାରୀ ନିଜର ଗୃହ ନିର୍ମାଣ କାର୍ଯ୍ୟାଦେଶ ଦେଖିପାରୁଛନ୍ତି ।

ଖ) କିସ୍ତି ରାଶି/ପ୍ରୋତ୍ସାହନ ରାଶି ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ଜମା ହେଲେ, ହିତାଧିକାରୀ ନିଜ ମୋବାଇଲରେ ମେସେଜ ମାଧ୍ୟମରେ ଏ ସମ୍ପର୍କିତ ସୂଚନା ପାଉଛନ୍ତି ।

## ୩) ଅନଲାଇନ କେସ ରେକର୍ଡ :

www.rhodisha.gov.in ୱେବସାଇଟରେ ଲଗ ଇନ କରି 'ମୋ କେସ ରେକର୍ଡ' ମାଧ୍ୟମରେ ହିତାଧିକାରୀ ନିଜ ଗୃହ ନିର୍ମାଣ ସମ୍ପର୍କିତ ସମସ୍ତ ବିବରଣୀ ପାଉଛନ୍ତି ।

## ୪) ଆମ ଘର-ଏଣ୍ଡ୍ରଏଡ ମୋବାଇଲ ଆପ :

କ) ହିତାଧିକାରୀ/ଅନୁବନ୍ଧିତ ଅଧିକାରୀ/ବ୍ଲକ ସ୍ତରୀୟ କ୍ଷେତ୍ର ଅଧିକାରୀ ଏହି ମୋବାଇଲ ଆପ ବ୍ୟବହାର କରି ଗୃହ ନିର୍ମାଣ ପ୍ରଗତି ସମ୍ବନ୍ଧୀୟ ତଥ୍ୟାବଳୀ ପ୍ରଦାନ କରିପାରୁଛନ୍ତି ।

ଖ) ହିତାଧିକାରୀ ଗୃହ ନିର୍ମାଣର ପ୍ରତ୍ୟେକ ସ୍ତରର ପ୍ରକୃତ ସମୟ ସୀମା ଓ ଜିଓ ଟ୍ୟାଗିଂ ଫଟୋ ଅପଲୋଡ କରି ପରବର୍ତ୍ତୀ କିସ୍ତି ପାଇବା ପ୍ରକ୍ରିୟା ଆରମ୍ଭ କରିପାରୁଛନ୍ତି ।

## ୫) ସୁଦୃଢ଼ ମତାମତ ସଂଗ୍ରହ ପ୍ରକ୍ରିୟା :

କ) ଲୋକମାନଙ୍କ ସହ ସିଧାସଳଖ ଯୋଗାଯୋଗ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ 'ମୋ ସରକାର' ପଦକ୍ଷେପ ଗ୍ରହଣ କରାଯାଇଛି ।

ଖ) ମାନ୍ୟବର ମୁଖ୍ୟମନ୍ତ୍ରୀ, ପ୍ରମୁଖ ଶାସନ ସଚିବ, ନିର୍ଦ୍ଦେଶକ ଏବଂ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଓ ହିତାଧିକାରୀମାନଙ୍କ ମଧ୍ୟରେ ସିଧାସଳଖ ବାର୍ତ୍ତାଳପର ବ୍ୟବସ୍ଥା କରାଯାଇଛି ।

ଗ) ଜନସାଧାରଣଙ୍କ ସହ ଯୋଗାଯୋଗକୁ ସୁଦୃଢ଼ କରିବା ନିମନ୍ତେ ସମସ୍ତ ୩୧୪ ବ୍ଲକ ଏବଂ ୩୦ ଜିଲ୍ଲାରେ ମୋ ସରକାରଙ୍କ ସ୍ୱତନ୍ତ୍ର ପ୍ରକୋଷ୍ଠ କାର୍ଯ୍ୟକାରୀ ହେଉଅଛି ।

ଘ) ରାଜ୍ୟ/ଜିଲ୍ଲା କଲ ସେଣ୍ଟର, ହିତାଧିକାରୀଙ୍କ ଅଭିଯୋଗ ଗ୍ରହଣ କରି ଉପଯୁକ୍ତ ପଦାଧିକାରୀଙ୍କୁ ଅବଗତ କରାଇବା କ୍ଷଣି ଏହାର ସମାଧାନ ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉଛି ।

## (ଖ) ପାନୀୟ ଜଳ ଓ ପରିମଳ

### (୧) ଗ୍ରାମ୍ୟ ପାନୀୟ ଜଳ ଯୋଗାଣ

ରାଜ୍ୟର ଗ୍ରାମୀଣ କ୍ଷେତ୍ରରେ ବସବାସ କରୁଥିବା ସମସ୍ତ ଜନସାଧାରଣଙ୍କ ପାଇଁ ନିରାପଦ, ସୁଲଭ ଏବଂ ପର୍ଯ୍ୟାପ୍ତ ପରିମାଣରେ ପାନୀୟ ଜଳର ବ୍ୟବସ୍ଥା କରିବା ଦାୟିତ୍ୱ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଗ୍ରାଧିକାର ଭିତ୍ତିରେ ଗ୍ରହଣ କରିଛି । ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସଂସ୍ଥା ଜରିଆରେ ରାଜ୍ୟର ସମସ୍ତ ଗ୍ରାମ ଓ ପଡାଗ୍ରାମକୁ ସଫଳତାର ସହିତ ସ୍ୱଚ୍ଛ ଓ ନିରାପଦ ପାନୀୟ ଜଳ ଯୋଗାଇ ଦିଆଯାଉଛି । ଜଳ ଅଭାବ/ଜଳ ଗୁଣବତ୍ତା ପ୍ରଭାବିତ ଅଞ୍ଚଳର ପ୍ରତ୍ୟେକ ପରିବାରକୁ ଟ୍ୟାପ ଯୋଗେ ନିରାପଦ ପାନୀୟ ଜଳ ଯୋଗାଇ ଦେବା ଲକ୍ଷ୍ୟ ନେଇ ନଳକୂପ ଓ ପରିମଳ କୂପ ବଦଳରେ ଭୂପୃଷ୍ଠ ଜଳକୁ ବ୍ୟବହାର କରି ପାଇପ ଜଳଯୋଗାଣ ପ୍ରକଳ୍ପ ମାଧ୍ୟମରେ ଜଳଯୋଗାଣର ବ୍ୟବସ୍ଥା କରାଯାଉଅଛି । ତଦନୁଯାୟୀ, ରାଜ୍ୟ ପରିପୂର୍ଣ୍ଣତା ଯୋଜନା ପ୍ରସ୍ତୁତ କରାଯାଇଛି । ଯୋଗାଇ ଦିଆଯାଉଥିବା ଜଳର ଆବଶ୍ୟକୀୟ ଗୁଣବତ୍ତା ମାନର ଯଥାର୍ଥ ଅନୁପାଳନ ପାଇଁ ରାଜ୍ୟବ୍ୟାପୀ ୭୮ଟି ଜଳ ପରୀକ୍ଷଣ ପ୍ରୟୋଗଶାଳା ନିର୍ମିତ ହୋଇଛି ।

୨୦୨୦-୨୧ ଆର୍ଥିକ ବର୍ଷରେ ରାଜ୍ୟରେ JJM, BASUDHA, OMBADC, RIDF, CFC/SFC ଇତ୍ୟାଦି ପାଣ୍ଠିର ବିନିଯୋଗରେ ୧୦୪୩ ଗୋଟି ପାଇପ ଜଳ ଯୋଗାଣ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି ଏବଂ ୧୭୫୨ ଗୋଟି (ନଳକୂପ ଏବଂ ପରିମଳ କୂପ) ସ୍ଥାପନ କରାଯାଇଅଛି । ତା ୩୧.୦୩.୨୦୨୧ ସୁଦ୍ଧା ରାଜ୍ୟରେ ସର୍ବମୋଟ ୧୩୧୫୨ ଗୋଟି ପାଇପ ଜଳ ଯୋଗାଣ ପ୍ରକଳ୍ପ, ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ମିଶି ମୋଟ୍ ୪,୭.୬୨୯ ଗୋଟି ନଳକୂଳପ/ପରିମଳ କୂପ କାର୍ଯ୍ୟକ୍ଷମ ରହିଛି । ତା ୩୧.୦୩.୨୦୨୧ରିଖ ସୁଦ୍ଧା ମୋଟ୍ ୧୯୧୪ ଟି ସୌର ଚାଳିତ ପାଇପ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି ।

୨୦୨୧-୨୨ ଆର୍ଥିକ ବର୍ଷରେ (ତା ୩୧.୧୨.୨୦୨୧ ରିଖ ସୁଦ୍ଧା) ରାଜ୍ୟରେ ୬୨୩ ଟି ପାଇପ ଜଳଯୋଗାଣ ପ୍ରକଳ୍ପ ଏବଂ ୯୮୮ ଟି ନଳକୂପ ଓ ପରିମଳ କୂପର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି । ରାଜ୍ୟରେ ସର୍ବମୋଟ୍ ତା ୩୧.୧୨.୨୦୨୧ ରିଖ ସୁଦ୍ଧା ୧୩୭୭୫ ଟି ପାଇପ ଜଳଯୋଗାଣ ପ୍ରକଳ୍ପ ଏବଂ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ମିଶି ମୋଟ୍ ୪୭୫୬୧୭ ଟି ନଳକୂପ ଓ ପରିମଳ କୂପ ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ଅଛି ।

### ୩୧.୧୨.୨୦୨୧ ସୁଦ୍ଧା ଗ୍ରାମ/ପଡ଼ା ଗ୍ରାମ ଗୁଡିକର ଜଳଯୋଗାଣ ସ୍ଥିତି :

| | |
|---|---|
| ସମସ୍ତ ପଡ଼ାଗ୍ରାମ ସଂଖ୍ୟା | : ୧,୫୭,୧୦୨ |
| ସମ୍ପୂର୍ଣ୍ଣ ଅନ୍ତର୍ଭୁକ୍ତ (Full covered) ଗ୍ରାମ | : ୧,୫୩,୫୯୨ |

| | | |
|---|---|---|
| ଆଂଶିକ ଅନ୍ତର୍ଭୁକ୍ତ (Partially covered) ଗ୍ରାମ | : | ୫୦ |
| ଅନ୍ତର୍ଭୁକ୍ତ ହୋଇନଥିବା (Uncovered) ଗ୍ରାମ | : | ୦ |
| ଗୁଣବତ୍ତା ପ୍ରଭାବିତ (Quality affected) ଗ୍ରାମ | : | ୩୪୬୦ |

## ଗ୍ରାମୀଣ ପରିବାରକୁ ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଣ (FHTC)

| | | |
|---|---|---|
| ସମସ୍ତ ଗ୍ରାମୀଣ ପରିବାର ସଂଖ୍ୟା | : | ୮୫,୬୬, ୫୧୩ |
| ତା ୩୧.୦୩.୨୦୨୦ ସୁଦ୍ଧା FHTC | : | ୭,୪୭,୪୫୧ |
| ୨୦୨୦-୨୧ ଆର୍ଥିକ ବର୍ଷ ସୁଦ୍ଧା FHTC | : | ୧୫,୪୭,୩୫୨ |
| ୨୦୨୧-୨୨ ଆର୍ଥିକ ବର୍ଷରେ FHTC | : | ୧୩,୪୪,୦୬୨ |
| FHTC as on (ତା ୩୧.୧୨.୨୦୨୧) | : | ୩୬,୩୮, ୮୬୫ |

## ଭୌତିକ ପ୍ରଗତି (Physical Achivement) :

ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସଂସ୍ଥା ତରଫରୁ ପାଇପ ଜଳଯୋଗାଣ ପ୍ରକଳ୍ପ ଏବଂ ନଳକୂପ ଓ ପରିମଳ କୂପ ସ୍ଥାପନ ନିମନ୍ତେ ବିଭିନ୍ନ ଯୋଜନାରେ ଯଥା : (JJM, BASUDHA, RIDF, KBK) ଅର୍ଥ ବ୍ୟବସ୍ଥା କରାଯାଇଅଛି । ଆର୍ଥିକ ବର୍ଷ ୨୦୨୧-୨୨ (ତା ୩୧.୧୨.୨୦୨୧ ଶେଷ) ସୁଦ୍ଧା ହାସଲ କରାଯାଇଥିବା ବିଭିନ୍ନ ପ୍ରକଳ୍ପର ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା ।

| ପ୍ରକଳ୍ପ | ୨୦୨୧-୨୨ (୩୧.୧୨.୨୦୨୧ ସୁଦ୍ଧା) | | ଶତପଡ଼ା % |
|---|---|---|---|
| | ଲକ୍ଷ୍ୟ | ହାସଲ | |
| ଜଳ ଉତ୍ସ | ୧୫୦୦ | ୯୮୮ | ୬୫.୮୬% |
| ପାଇପ୍ ଜଳଯୋଗାଣ ପ୍ରକଳ୍ପ | ୧୪୫୬ | ୬୨୩ | ୪୨.୭୯% |
| ସୌରଚାଳିତ ପାଇପ୍ ଜଳଯୋଗାଣ | ୩୩୮୬ | - | - |

## (୨) ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ୨୦୨୧-୨୨

### ଗ୍ରାମୀଣ ପରିମଳ

### ପରିମଳ ଏବଂ କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା ।

୧. ଏପ୍ରିଲ୍ ୨୦୨୦ରୁ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) - ୨, ସାରା ରାଜ୍ୟରେ ଆରମ୍ଭ କରାଯାଇଅଛି । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଲା ବାହ୍ୟ ମଳମୁକ୍ତ ବଜାୟ ରଖିବା ସହିତ ଗ୍ରାମାଞ୍ଚଳରେ କଠିନ ଏବଂ ତରଳ ବର୍ଜ୍ୟବସ୍ତୁର ସୁପରିଚାଳନା କରିବା ।

୨. ପଞ୍ଚାୟତିରାଜ ଏବଂ ପାନୀୟଜଳ ବିଭାଗ ତରଫରୁ ସମସ୍ତ ଜିଲ୍ଲା ଏବଂ ବ୍ଲକକୁ କଠିନ ଓ ତରଳ ବର୍ଜ୍ୟବସ୍ତୁର ପରିଚାଳନା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଅଛି ଏବଂ ଏହି କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ବିଭାଗ ତରଫରୁ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଅଛି ।

୩. ସମସ୍ତ ଜିଲ୍ଲାପାଳ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହଯୋଗରେ ବିଭାଗ ତରଫରୁ ଗ୍ରାମାଞ୍ଚଳ ପରିମଳ ଯୋଜନାକୁ କାର୍ଯ୍ୟକାରୀ କରିବା ସଙ୍ଗେ ସଙ୍ଗେ ଗ୍ରାମାଞ୍ଚଳରେ ନିୟମିତ ସଫେଇ କାର୍ଯ୍ୟ କରିବା ପାଇଁ ବ୍ୟବସ୍ଥା କରାଯାଇଅଛି ।

୪. ସ୍ୱଚ୍ଛ ଭାରତର ମିଶନ (ଗ୍ରାମୀଣ) କାର୍ଯ୍ୟକ୍ରମ, ମହାତ୍ମା ଗାନ୍ଧି ନରେଗା ଏବଂ ଅର୍ଥ ଆୟୋଗର ଅନୁଦାନରେ ପରିମଳ ଏବଂ କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଧ୍ୟାନ ଦେଇ ଗ୍ରାମୀଣ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଉଅଛି । ଆଜି ସୁଦ୍ଧା ୨୩,୬୦୦ ରୁ ଅଧିକ ଗାଁ (୫୦.୪%) ଗ୍ରାମୀଣ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିସାରିଛନ୍ତି ।

୫. ଚଳିତ ଆର୍ଥିକ ବର୍ଷରେ ୩୦% ଗ୍ରାମପଞ୍ଚାୟତକୁ ODF Plus Category ରେ ଅନ୍ତର୍ଭୁକ୍ତ କରିବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

୬. ଚଳିତ ଆର୍ଥିକ ବର୍ଷରେ ୫୫,୦୦୦ ବ୍ୟକ୍ତିଗତ ଘରୋଇ ଶୌଚାଳୟ ନିର୍ମାଣ ବାବଦରେ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯାଇଅଛି । ସେହିପରି ସର୍ବସାଧାରଣଙ୍କ ବ୍ୟବହାର ନିମନ୍ତେ ୩୬୧ ଗୋଟି ଗୋଷ୍ଠୀ ପରିମଳ ଗୃହ ବିଭିନ୍ନ ସ୍ଥାନରେ ନିର୍ମାଣ କରାଯାଇଅଛି ।

୭. ଆଜିସୁଦ୍ଧା ୧୩,୩୦୦ ଗ୍ରାମରେ ODF Plus କାର୍ଯ୍ୟକ୍ରମ ଆରମ୍ଭ କରାଯାଇଅଛି ଏବଂ ତନ୍ମଧ୍ୟରୁ ୧୩୩ଟି ଗ୍ରାମକୁ ODF Plus ଗ୍ରାମ ଭାବରେ ଘୋଷଣା କରାଯାଇଅଛି ।

୮. ଗ୍ରାମାଞ୍ଚଳର ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଏବଂ ମାନବ ମଳର ସୁପରିଚାଳନା ନିମନ୍ତେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଗୃହ ଏବଂ ନଗର ଉନ୍ନୟନ ବିଭାଗର ମିଳିତ ସହଯୋଗରେ କାର୍ଯ୍ୟ କରୁଅଛି । ସମସ୍ତ ଜିଲ୍ଲା, Urban Local Bodiesର ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଏବଂ ମାନବ ମଳ ପରିଚାଳନାର ସୁବିଧା ପାଇବା ପାଇଁ ସହରାଞ୍ଚଳ ସ୍ୱାୟତ୍ତ ସଂସ୍ଥା ସହ ଗ୍ରାମପଞ୍ଚାୟତ ଗୁଡ଼ିକୁ ସଂଯୋଗ କରାଯାଇଛି ।

୯. ୨୦୨୩-୨୪ ସୁଦ୍ଧା ରାଜ୍ୟର ସମସ୍ତ ଗ୍ରାମ ଗୁଡ଼ିକୁ ODF Plus ଗ୍ରାମ ଭାବରେ ଘୋଷଣା କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

## (ଗ) ଅର୍ଥ ଆୟୋଗ

### ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ ଆୟୋଗର ଅନାବଦ୍ଧ ଓ ଆବଦ୍ଧ ଅନୁଦାନ

ପଞ୍ଚଦଶ ଅର୍ଥ ଆୟୋଗ ୨୦୨୧-୨୨ ବର୍ଷ ନିମନ୍ତେ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ଗୁଡିକ ସଶକ୍ତିକରଣ ଉପରେ ଗୁରୁତ୍ୱାରୋପ କରି ରାଜ୍ୟର ସମସ୍ତ ତ୍ରିସ୍ତରୀୟ ପଞ୍ଚାୟତରାଜ ଅନୁଷ୍ଠାନ ଯଥା : ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ନିମନ୍ତେ ଆର୍ଥିକ ଅନୁଦାନର ବ୍ୟବସ୍ଥା କରିଛନ୍ତି ।

କମିଶନର ସୁପାରିଶକୁ ଗ୍ରହଣ କରି ରାଜ୍ୟ ସରକାର ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦକୁ ଯଥାକ୍ରମେ ୭୦:୨୦:୧୦ ଅନୁପାତରେ ଗ୍ରାମୀଣ ଜନସଂଖ୍ୟାକୁ ଆଧାର କରି ଅନୁଦାନ ସୁପାରିଶ କରିଛନ୍ତି ଏବଂ ଏହି ବ୍ୟବସ୍ଥା ରାଜ୍ୟ ସରକାର ଗ୍ରହଣ କରିଥିବା ପଞ୍ଚମ ଅର୍ଥ ଆୟୋଗର ସୁପାରିଶ ଅନୁରୂପ ଅଟେ ।

### ପଞ୍ଚଦଶ ଅର୍ଥ କମିଶନ ସୁପାରିଶ ଗୁଡିକ ନିମ୍ନରେ ପ୍ରଦାନ କରାଗଲା :

୧. ଅନାବଦ୍ଧ ପାଣ୍ଠି (ମୋଟ ଅନୁଦାନର ଶତକଡ଼ା ୪୦ ଭାଗ) ସ୍ଥାନୀୟ ଗୋଷ୍ଠୀଭିତ୍ତିକ ଆବଶ୍ୟକତା ଅନୁସାରେ ବିନିଯୋଗ କରାଯିବ । କିନ୍ତୁ ଦରମା, ଅନ୍ୟାନ୍ୟ ପ୍ରତିଷ୍ଠାନ ବାବଦରେ ବ୍ୟୟ ହୋଇପାରିବ ନାହିଁ ।

୨. ଆବଦ୍ଧ ପାଣ୍ଠି (ମୋଟ ଅନୁଦାନର ଶତକଡ଼ା ୬୦ ଭାଗ) ବିଭିନ୍ନ ମୌଳିକ ସେବା ଯଥା :

   କ) ପରିମଳ ଏବଂ ବାହ୍ୟ ମଳମୁକ୍ତ ସ୍ଥିତିକୁ ବଜାୟ ରଖିବା ପାଇଁ ବ୍ୟବସ୍ଥା

   ଖ) ପାନୀୟ ଜଳ ଯୋଗାଣ, ବର୍ଷା ଜଳ ଅମଳ ଓ ଜଳକୁ ପୁନଃ ବ୍ୟବହାର ଯୋଗ୍ୟ କରିବା ପାଇଁ କାର୍ଯ୍ୟ

ଶତକଡ଼ା ୫୦ ଭାଗ ଆବଦ୍ଧ ପାଣ୍ଠି ଉପରବର୍ଣ୍ଣିତ 'କ' ଓ 'ଖ' ବର୍ଗ ପାଇଁ ସ୍ୱତନ୍ତ୍ର ଭାବେ ଚିହ୍ନିତ ହୋଇ ରହିବ । ଯଦି ଉପରୋକ୍ତ କୌଣସି କାର୍ଯ୍ୟ ଅନ୍ୟ କୌଣସି ଅନୁଷ୍ଠାନ ଦ୍ୱାରା ସମ୍ପୂର୍ଣ୍ଣ ହୋଇଯାଇଥିବ, ତେବେ ଅନ୍ୟାନ୍ୟ କ୍ଷେତ୍ରରେ ଏହି ଅର୍ଥ ବିନିଯୋଗ କରାଯାଇପାରିବ ।

ପଞ୍ଚଦଶ ଅର୍ଥ ଆୟୋଗ ସୁପାରିଶ ଆଧାରରେ ୨୦୨୧-୨୨ ବର୍ଷ ପାଇଁ ରାଜ୍ୟର ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡିକୁ ମୋଟ୍ ୧୬୬୯ କୋଟି ଟଙ୍କା ନିମ୍ନମତେ ବଣ୍ଟନ କରାଯାଉଛି ।

(ଅର୍ଥରାଶି କୋଟିରେ)

| ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନ | ଗ୍ରାମପଞ୍ଚାୟତ | ପଞ୍ଚାୟତ ସମିତି | ଜିଲ୍ଲା ପରିଷଦ | ମୋଟ |
|---|---|---|---|---|
| ଅନାବଦ୍ଧ ଅନୁଦାନ | ୪୬୭.୩୨ | ୧୩୩.୫୨ | ୬୬.୭୬ | ୬୬୭.୬ |
| ଆବଦ୍ଧ ଅନୁଦାନ | ୭୦୦.୯୮ | ୨୦୦.୨୮ | ୧୦୦.୧୪ | ୧୦୦୧.୪ |
| ମୋଟ | ୧୧୬୮.୩୦ | ୩୩୩.୮୦ | ୧୬୬.୯୦ | ୧୬୬୯ |

ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନ ଅନ୍ତର୍ଗତ ଉଭୟ ଅନାବଦ୍ଧ ପାଣ୍ଠି ଏବଂ ଆବଦ୍ଧ ପାଣ୍ଠିର ସଫଳ ବିନିଯୋଗ ନିମନ୍ତେ ପ୍ରକଳ୍ପଗୁଡିକୁ ସ୍ୱତନ୍ତ୍ର ଭାବେ ଗ୍ରାମପଞ୍ଚାୟତ ବିକାଶ ଯୋଜନା (ଅନାବଦ୍ଧ) ଓ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା (ଆବଦ୍ଧ) ଅନ୍ତର୍ଭୁକ୍ତ କରାଯିବ । e-Gramswaraj Portal ମାଧ୍ୟମରେ ଅର୍ଥ ବିନିଯୋଗର ତଦାରଖ କରାଯାଉଛି ।

## ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ ଆୟୋଗର ସ୍ୱାସ୍ଥ୍ୟ କ୍ଷେତ୍ରରେ ଅନୁଦାନ

ପଞ୍ଚଦଶ ଅର୍ଥ ଆୟୋଗ ଗ୍ରାମାଞ୍ଚଳରେ ଥିବା ସ୍ୱାସ୍ଥ୍ୟ ଅନୁଷ୍ଠାନ ଯଥା CHC, PHC ମାନଙ୍କର ଭିତ୍ତିଭୂମିର ବିକାଶ ଓ ଉନ୍ନତିକରଣ ନିମନ୍ତେ ଆର୍ଥିକ ଅନୁଦାନର ବ୍ୟବସ୍ଥା କରିଛନ୍ତି । ଓଡ଼ିଶା ରାଜ୍ୟକୁ କେନ୍ଦ୍ର ସରକାର ୨୦୨୧-୨୨ ଆର୍ଥିକ ବର୍ଷରେ ଏହି କ୍ଷେତ୍ରରେ ପ୍ରଦାନ କରିଥିବା ଅନୁଦାନର ବିବରଣୀ ନିମ୍ନରେ ଉଲ୍ଲେଖ କରାଯାଇଛି ।

୧. ଗ୍ରାମ୍ୟ ଜନସ୍ୱାସ୍ଥ୍ୟ କେନ୍ଦ୍ର ଓ ଉପକେନ୍ଦ୍ରଗୁଡିକୁ ସ୍ୱାସ୍ଥ୍ୟ ଓ କଲ୍ୟାଣ କେନ୍ଦ୍ରରେ ପରିବର୍ତ୍ତନ - ୧୨୫.୧୨ କୋଟି ଟଙ୍କା

୨. ବିନା ଗୃହରେ ପରିଚାଳିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଉପକେନ୍ଦ୍ରର ଗୃହ ନିର୍ମାଣ-୭୨.୮୩ କୋଟି ଟଙ୍କା ।

୩. ବ୍ଲକସ୍ତରୀୟ ଜନ ସ୍ୱାସ୍ଥ୍ୟ ୟୁନିଟ୍ ପ୍ରତିଷ୍ଠା ପାଇଁ ଅର୍ଥ ସହାୟତା - ୨୯.୦୮ କୋଟି ଟଙ୍କା

୪. ପ୍ରାଥମିକ ସ୍ୱାସ୍ଥ୍ୟ ସେବାକୁ ରୋଗ ନିଦାନ ଭିତ୍ତିଭୂମି ସହାୟତା - ୬୫.୪୭ କୋଟି ଟଙ୍କା ।

୫. ପ୍ରାଥମିକ ସ୍ୱାସ୍ଥ୍ୟ ସେବା - ଉପକେନ୍ଦ୍ର ଗୁଡିକୁ ରୋଗ ନିଦାନ ଭିତ୍ତିଭୂମି ସହାୟତା - ୬୧.୭୨ କୋଟି ଟଙ୍କା ।

## ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ :

ପଞ୍ଚମ ରାଜ୍ୟ ଅର୍ଥ କମିଶନ ଭାରତୀୟ ସମ୍ବିଧାନ ଧାରା 243-I ଓ 243-Y ଅନୁଯାୟୀ ମହାମହିମ ରାଜ୍ୟପାଳ, ଓଡ଼ିଶା ସରକାରଙ୍କ ଦ୍ୱାରା ଗଠିତ ହୋଇଅଛି । ତତ୍‌ସହିତ, Act-1993 ର ଅର୍ଥ କମିଶନ (Miscellaneous Provision) Section-3 ଏବଂ section-8 (ଓଡ଼ିଶା Act-28 of 1993) ତଥା Notification No. 15340 FIN BUD6-SFC-0002-2018/F dated 5th May, 2018 ଦ୍ୱାରା ସୁପାରିଶ କ୍ରମେ ରାଜ୍ୟ ଅର୍ଥକୁ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡିକୁ ସମ ଭାବରେ ବଣ୍ଟନ କରାଯିବ । ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ ରାଜ୍ୟର ଏକୀକୃତ ପାଣ୍ଠିରୁ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କୁ ହସ୍ତାନ୍ତରଣ ପାଣ୍ଠି, ଶୁଳ୍କ ନିରୂପଣ, ସହାୟକ ଅନୁଦାନ ମାଧ୍ୟମରେ ଅର୍ଥ ପ୍ରଦାନର ସୁପାରିସ କରିଛନ୍ତି ।

## ହସ୍ତାନ୍ତରଣ ପାଣ୍ଠି :

ପଞ୍ଚମ ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିଶ କ୍ରମେ ରାଜ୍ୟ ସରକାର ରାଜ୍ୟର ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡିକୁ ୬୦:୩୦:୧୦ ଅନୁପାତରେ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦକୁ ହସ୍ତାନ୍ତରଣ

ପାଣ୍ଠି ଅନୁଦାନର ବ୍ୟବସ୍ଥା କରିଛନ୍ତି । ରାଜ୍ୟରେ ଅନୁସୂଚିତ ଜନଜାତି ବହୁଳ ଗ୍ରାମପଞ୍ଚାୟତମାନଙ୍କୁ ୨୫ ପ୍ରତିଶତ ଅଧିକ ଆର୍ଥିକ ଅନୁଦାନର ବ୍ୟବସ୍ଥା କରାଯାଇଛି । ଏହି ଅନୁଦାନ ଅନାବଦ୍ଧ ଅଟେ ଓ ଆବଶ୍ୟକତା ଅନୁସାରେ ଗୋଷ୍ଠୀ ଭିତ୍ତିକ ପ୍ରକଳ୍ପ ଗୁଡିକରେ ବିନିଯୋଗ କରାଯିବ ।

## ବର୍ଷାନୁସାରେ ପଞ୍ଚମ ରାଜ୍ୟ ଅର୍ଥ ଆୟୋଗଙ୍କ ଅବଧିରେ ହସ୍ତାନ୍ତରଣ ପାଣ୍ଠି

(ଅର୍ଥରାଶି କୋଟିରେ)

| | 2020-21 | 2021-22 | 2022-23 | 2023-24 | 2024-25 | 2025-26 | 2020-2026 |
|---|---|---|---|---|---|---|---|
| ଗ୍ରାମପଞ୍ଚାୟତ | 549.05 | 549.05 | 549.05 | 549.05 | 549.05 | 549.05 | 3294.30 |
| ପଞ୍ଚାୟତ ସମିତି | 274.53 | 274.53 | 274.53 | 274.53 | 274.53 | 274.53 | 1647.18 |
| ଜିଲ୍ଲା ପରିଷଦ | 91.51 | 91.51 | 91.51 | 91.51 | 91.51 | 91.51 | 549.06 |
| **ସମୁଦାୟ** | **915.09** | **915.09** | **915.09** | **915.09** | **915.09** | **915.09** | **5490.54** |

୨୦୨୧-୨୨ ଆର୍ଥିକ ବର୍ଷରେ ମୋଟ ୯୧୫.୦୯ କୋଟି ଟଙ୍କା ହସ୍ତାନ୍ତରଣ ପାଣ୍ଠି ରାଜ୍ୟର ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି, ଗ୍ରାମପଞ୍ଚାୟତମାନଙ୍କୁ ଆବଶ୍ୟକତା ଅନୁଯାୟୀ ପ୍ରକଳ୍ପ ଯଥା ପାନୀୟ ଜଳ, ରାସ୍ତା, ରାସ୍ତା ଆଲୋକୀକରଣ, ଗ୍ରାମୀଣ ପାର୍କ, ଖେଳ ପଡ଼ିଆ ଏବଂ ସରକାରୀ ସ୍ୱାସ୍ଥ୍ୟ ଓ ଶିକ୍ଷା କେନ୍ଦ୍ରଗୁଡ଼ିକର ରକ୍ଷାଣାବେକ୍ଷଣ ପାଇଁ ପ୍ରଦାନ କରାଯାଉଛି ।

## ଶୁଳ୍କ ନିରୂପଣ

ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ ନିମ୍ନଲିଖିତ ମାଧ୍ୟମରେ ଶୁଳ୍କ ନିରୂପଣ ରାଶି ବିତରଣ କରିବାର ସୁପାରିଶ କରିଛନ୍ତି ।

Rs. In Crore

| | 2020-21 | 2021-22 | 2022-23 | 2023-24 | 2024-25 | 2025-26 | 2020-2026 |
|---|---|---|---|---|---|---|---|
| ଦରମା ଓ ପ୍ରତିଷ୍ଠାନ ଖର୍ଚ୍ଚ | 551.19 | 581.26 | 613.14 | 646.93 | 682.74 | 720.29 | 3795.55 |
| ବୈଠକ ଖର୍ଚ୍ଚ ମାନଦେୟ, ଟିଏ ଓ ଡିଏ | 115.21 | 115.21 | 115.21 | 115.21 | 115.19 | 115.19 | 691.22 |
| ଗମନା ଗମନ ଭିତ୍ତିଭୂମିର ଉନ୍ନତିକରଣ ଓ ରକ୍ଷଣାବେକ୍ଷଣ (ମୋଟର ଗାଡ଼ି ଶୁଳ୍କ ବାଦ୍) | 93.15 | 100.60 | 108.65 | 117.34 | 126.73 | 136.87 | 683.34 |
| **TOTAL** | **759.55** | **797.07** | **837.00** | **879.48** | **924.66** | **972.35** | **5170.11** |

## ପଞ୍ଚମ ରାଜ୍ୟ ଅର୍ଥ ଆୟୋଗଙ୍କ ସହାୟକ ଅନୁଦାନ :

ଅଧିକନ୍ତୁ, ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ ଗମନାଗମନର ଉନ୍ନତିକରଣ, ଗ୍ରାମ ପଞ୍ଚାୟତର ନିଜସ୍ୱ ଆୟ ବୃଦ୍ଧି, ଗ୍ରାମୀଣ ହାଟ ଉନ୍ନତିକରଣ, ଗ୍ରାମାଞ୍ଚଳରେ ବ୍ୟାଙ୍କିଙ୍ଗ ସୁବିଧା, ରାଜସ୍ୱ ବୃଦ୍ଧିକାରୀ ସମ୍ପତ୍ତି ସୃଷ୍ଟି, ସମ୍ପତ୍ତିର ରକ୍ଷଣାବେକ୍ଷଣ, ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ସବୁିଧା ସୁଯୋଗ, ପ୍ରାଥମିକ ବିଦ୍ୟାଳୟର ରକ୍ଷଣାବେକ୍ଷଣ, ରାସ୍ତା ଆଲୋକିକରଣ, ଗ୍ରାମୀଣ ଜଳାଶୟର ଉନ୍ନତିକରଣ ନିମନ୍ତେ ସ୍ୱତନ୍ତ୍ର ଅର୍ଥ ଅନୁଦାନ ସୁପାରିସ କରିଛନ୍ତି । କମିଶନ ସ୍ଥିରିକୃତ କ୍ଷେତ୍ରର ଅର୍ଥ ଆବଶ୍ୟକତାକୁ ପୂରଣ କରିବା ପାଇଁ ନିମ୍ନଲିଖିତ ସହାୟକ ଅନୁଦାନର ସୁପାରିଶ କରିଛନ୍ତି ।

(Rs. In Crore)

| G.I.A. | 2020-21 | 2021-22 | 2022-23 | 2023-24 | 2024-25 | 2025-26 | 2020-2026 |
|---|---|---|---|---|---|---|---|
| ପାନୀୟ ଜଳ (ପାଇପ୍ ଜଳ ଯୋଗାଣ) | 125.00 | 125.00 | 125.00 | 125.00 | 125.00 | 125.00 | 750.00 |
| ନଳକୂପ ବ୍ୟବସ୍ଥା (ସୌର ଶକ୍ତି) | 41.66 | 41.66 | 41.67 | 41.67 | 41.67 | 41.67 | 250.00 |
| ସବୁଦିନିଆ ରାସ୍ତା | 97.69 | 97.69 | 97.69 | 97.69 | 97.69 | 97.70 | 586.15 |
| ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସୁବିଧା ସୁଯୋଗ | 113.30 | 113.30 | 113.30 | 113.30 | 113.30 | 113.30 | 679.80 |
| ରାସ୍ତା ଆଲୋକୀକରଣ | 56.66 | 56.66 | 56.67 | 56.67 | 56.67 | 56.67 | 340.00 |
| ଗ୍ରାମୀଣ ହାଟର ଉନ୍ନତି କରଣ | 50.00 | 50.00 | 50.00 | 50.00 | 50.00 | 50.00 | 300.00 |
| ସମ୍ପତ୍ତିର ରକ୍ଷଣା ବେକ୍ଷଣ | 58.33 | 58.33 | 58.33 | 58.33 | 58.34 | 58.34 | 350.00 |
| ପ୍ରାଥମିକ ବିଦ୍ୟାଳୟର ରକ୍ଷଣା ବେକ୍ଷଣ | 52.33 | 52.33 | 52.33 | 52.33 | 52.34 | 52.34 | 314.00 |
| ଜଳାଶୟର ରକ୍ଷଣା ବେକ୍ଷଣ ଓ ଉନ୍ନତିକରଣ | 20.83 | 20.83 | 20.83 | 20.83 | 20.84 | 20.84 | 125.00 |
| ରାଜସ୍ୱ ବୃଦ୍ଧିକାରୀ ସମ୍ପତ୍ତି ସୃଷ୍ଟି | 141.66 | 141.66 | 141.67 | 141.67 | 141.67 | 141.67 | 850.00 |
| ଅଭିନବ ପଦକ୍ଷେପ ନିମନ୍ତେ ପାଣ୍ଠି ବ୍ୟବସ୍ଥା | 12.50 | 12.50 | 12.50 | 12.50 | 12.50 | 12.50 | 75.00 |
| ପଞ୍ଚାୟତିରାଜ ଅନୁଷ୍ଠାନ ଓ ସହରାଞ୍ଚଳ ସ୍ୱାୟତ୍ତ ସଂସ୍ଥାରେ ଜିଲ୍ଲା ତଥ୍ୟ କେନ୍ଦ୍ର ନିର୍ମାଣ | 25.00 | 25.00 | 25.00 | 25.00 | 25.00 | 25.00 | 150.00 |

| (Rs. In Crore) | | | | | | | |
|---|---|---|---|---|---|---|---|
| G.I.A. | 2020-21 | 2021-22 | 2022-23 | 2023-24 | 2024-25 | 2025-26 | 2020-2026 |
| ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ବ୍ୟାଙ୍କିଙ୍ଗ୍ ସୁବିଧା ନିମନ୍ତେ ଭିତ୍ତିଭୂମି ନିର୍ମାଣ | 20.83 | 20.83 | 20.83 | 20.83 | 20.84 | 20.84 | 125.00 |
| ପ୍ରୋତ୍ସାହନ | 0 | 32.00 | 32.00 | 32.00 | 32.00 | 32.00 | 160.00 |
| **TOTAL** | **815.79** | **847.79** | **847.82** | **847.82** | **847.86** | **847.87** | **5054.95** |



ଚଳିତ ଆର୍ଥିକ ବର୍ଷରେ ୫୦୭ ଗୋଟି ଗ୍ରାମୀଣ ହାଟ, ୧୧୦୫ ଗୋଟି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ସୁବିଧା ସୁଯୋଗ, ୩୧୨ ଗୋଟି ଗ୍ରାମୀଣ ଜଳାଶୟର ଉନ୍ନତିକରଣ, ୧୮୮୯ ଗୋଟି ପ୍ରାଥମିକ ବିଦ୍ୟାଳୟ ରକ୍ଷଣାବେକ୍ଷଣ, ୧୨୭୩ ଗୋଟି ସମ୍ପତ୍ତିର ରକ୍ଷଣାବେକ୍ଷଣ, ୫୩୭ ଗୋଟି କଲ୍ୟାଣ ମଣ୍ଡପ, ୫୬୯ ଗୋଟି ମାର୍କେଟ୍ କମ୍ପ୍ଲେକ୍ସ ପ୍ରକଳ୍ପ ଏହି ବିଭାଗ ଦ୍ୱାରା ଅନୁମୋଦିତ ହୋଇଛି ।

ଅଧିକନ୍ତୁ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରୁ ହସ୍ତାନ୍ତରିତ ହୋଇ ଆସିଥିବା ସରକାରୀ ଅନୁଷ୍ଠାନ ଯଥା CHC, PHC, ପ୍ରାଥମିକ

ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ, ସରକାରୀ ସହାୟତା ପ୍ରାପ୍ତ ଉଚ୍ଚ ବିଦ୍ୟାଳୟ, ଉପଖଣ୍ଡ ଚିକିତ୍ସାଳୟ, ଜିଲ୍ଲା ମୁଖ୍ୟ ଡାକ୍ତରଖାନା, ପ୍ରାଣୀସମ୍ପଦ ସହାୟକ କେନ୍ଦ୍ର, ପ୍ରାଣୀସମ୍ପଦ ଚିକିତ୍ସାଳୟ ଇତ୍ୟାଦିର ରକ୍ଷଣାବେକ୍ଷଣ ନିମନ୍ତେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ତରଫରୁ ପଦକ୍ଷେପ ନିଆଯାଇଛି ।

## ଅଣ ଆବାସିକ କୋଠାବାଡିର ରକ୍ଷଣାବେକ୍ଷଣ

୨୦୨୧-୨୨ ଆର୍ଥିକ ବର୍ଷରେ ବଜେଟ ବ୍ୟବସ୍ଥା ଥିବା ୯.୭୦ କୋଟି ଟଙ୍କାକୁ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକର ଅଣ ଆବାସିକ କୋଠାବାଡିର ରକ୍ଷଣାବେକ୍ଷଣ ନିମନ୍ତେ ବିନିଯୋଗ କରିବାର ପଦକ୍ଷେପ ନିଆଯାଇଛି । ସମୁଦାୟ ୩୫୧ ଗୋଟି ପ୍ରକଳ୍ପ ୨୦୨୧-୨୨ ଆର୍ଥିକ ବର୍ଷରେ ଅନୁମୋଦନ କରାଯାଇଛି ।

## ଆବାସିକ କୋଠାବାଡ଼ିର ରକ୍ଷଣାବେକ୍ଷଣ

୨୦୨୧-୨୨ ଆର୍ଥିକ ବର୍ଷରେ ଆବାସିକ କୋଠାବାଡିର ରକ୍ଷଣାବେକ୍ଷଣ ନିମନ୍ତେ ୮.୪୦ କୋଟି ଟଙ୍କା ବଜେଟରେ ବ୍ୟବସ୍ଥା କରାଯାଇଛି । ଏହି ଅର୍ଥକୁ ବିନିଯୋଗ କରି ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକରେ ଆବାସିକ କୋଠାବାଡିର ରକ୍ଷଣାବେକ୍ଷଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । ସମୁଦାୟ ୩୭୫ ଗୋଟି ପ୍ରକଳ୍ପ ୨୦୨୧-୨୨ ଆର୍ଥିକ ବର୍ଷରେ ଅନୁମୋଦନ କରାଯାଇଛି ।

## ଅଣ ଆବାସିକ କୋଠାବାଡିର ନିର୍ମାଣ

୨୦୨୧-୨୨ ଆର୍ଥିକ ବର୍ଷରେ ବଜେଟ ବ୍ୟବସ୍ଥା ଥିବା ୧୦.୦୦ କୋଟି ଟଙ୍କାକୁ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକର ଅଣ ଆବାସିକ କୋଠାବାଡିର ନିର୍ମାଣ ନିମନ୍ତେ ବିନିଯୋଗ କରିବାର ପଦକ୍ଷେପ ନିଆଯାଇଛି । ସମୁଦାୟ ୪୬ କୋଟି ପ୍ରକଳ୍ପ ୨୦୨୧-୨୨ ଆର୍ଥିକ ବର୍ଷରେ ଅନୁମୋଦନ କରାଯାଇଛି ।

## ଆବାସିକ କୋଠାବାଡ଼ିର ନିର୍ମାଣ :

୨୦୨୧-୨୨ ଆର୍ଥିକ ବର୍ଷରେ ଆବାସିକ କୋଠାବାଡିର ନିର୍ମାଣ ନିମନ୍ତେ ୫୦.୦୦ କୋଟି ଟଙ୍କା ବଜେଟରେ ବ୍ୟବସ୍ଥା କରାଯାଇଛି । ଏହି ଅର୍ଥକୁ ବିନିଯୋଗ କରି ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକରେ ଆବାସିକ କୋଠାବାଡିର ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । ସମୁଦାୟ ୬୨ ଗୋଟି ପ୍ରକଳ୍ପ ୨୦୨୧-୨୨ ଆର୍ଥିକ ବର୍ଷରେ ଅନୁମୋଦନ କରାଯାଇଛି ।

## ରାସ୍ତା ଓ ପୋଲ ମରାମତି ଓ ରକ୍ଷଣାବେକ୍ଷଣ

୨୦୨୧-୨୨ ଆର୍ଥିକ ବର୍ଷରେ ବଜେଟ ବ୍ୟବସ୍ଥା ଥିବା ୬୭.୯୪ କୋଟି ଟଙ୍କାକୁ ରାସ୍ତା ଓ ପୋଲ ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ମଞ୍ଜୁର କରାଯିବାର ବ୍ୟବସ୍ଥା କରାଯାଇଛି । ସମୁଦାୟ ୨୩୮୮ ଗୋଟି ପ୍ରକଳ୍ପ ୨୦୨୧-୨୨ ଆର୍ଥିକ ବର୍ଷରେ ଅନୁମୋଦନ କରାଯାଇଛି ।

## ୩ ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମ

### (କ) ଗୋପବନ୍ଧୁ ଗ୍ରାମୀଣ ଯୋଜନା

ଗୋପବନ୍ଧୁ ଗ୍ରାମୀଣ ଯୋଜନା ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ସମଗ୍ର ରାଜ୍ୟରେ କାର୍ଯ୍ୟକାରୀ ହେଉଅଛି । ସମ୍ପୃକ୍ତ ଜିଲ୍ଲାର ଗ୍ରାମାଞ୍ଚଳରେ ଅତିରିକ୍ତ ଉନ୍ନୟନ ଅର୍ଥ ଯୋଗାଇ ବିଦ୍ୟୁତ ସଂଯୋଗୀକରଣ, ସିମେଣ୍ଟ କଂକ୍ରିଟ୍ ରାସ୍ତା ସହିତ ଡ୍ରେନ ନିର୍ମାଣ ଏବଂ ଜଳସେଚନ ଓ ପାନୀୟ ଜଳର ସୁବନ୍ଦୋବସ୍ତ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ ଅଟେ ।

ଚଳିତ ୨୦୨୧-୨୨ ଆର୍ଥିକ ବର୍ଷରେ ନଭେମ୍ବର ମାସ ସୁଦ୍ଧା ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ୮୨.୨୦ କି.ମି ସିମେଣ୍ଟ କଂକ୍ରିଟ୍ ରାସ୍ତା ନିର୍ମାଣ ସମେତ ୧୫୩୦ ଗୋଟି ପ୍ରକଳ୍ପର କାର୍ଯ୍ୟ ୨୦୧୮-୧୯ ଆର୍ଥିକ ବର୍ଷରେ ମଞ୍ଜୁର ହୋଇଥିବା ୫୦,୦୦୦ ଲକ୍ଷ ଟଙ୍କାର ବ୍ୟୟ କରି ସମ୍ପୂର୍ଣ୍ଣ କରାଯାଇଅଛି ।

### (ଖ) ସାଂସଦ ଆଦର୍ଶ ଗ୍ରାମ ଯୋଜନା

ସାଂସଦ ଆଦର୍ଶ ଗ୍ରାମ ଯୋଜନାର ଶୁଭାରମ୍ଭ ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଦ୍ୱାରା ୨୦୧୪ ମସିହା ଅକ୍ଟୋବର ମାସ ୧୧ ତାରିଖରେ କରାଯାଇଥିଲା । ମହାତ୍ମାଗାନ୍ଧୀଙ୍କ ପ୍ରଦର୍ଶିତ ନୀତି ଓ ଆଦର୍ଶ ଦ୍ୱାରା ଅନୁପ୍ରାଣିତ ଗ୍ରାମୀଣ ଅଧିବାସୀମାନଙ୍କ ମଧ୍ୟରେ ଦେଶାତ୍ମବୋଧ, ଆତ୍ମବିଶ୍ୱାସ ଓ ସାମୁହିକ ଚେତନା ଜାଗ୍ରତ କରାଇବା ସଙ୍ଗେ ସଙ୍ଗେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପାଦନ କରିବା ଏହି ଯୋଜନାର ଲକ୍ଷ୍ୟ ଅଟେ । ଗ୍ରାମୀଣ ଭାରତର ଆତ୍ମାକୁ ଅକ୍ଷୁର୍ଣ୍ଣ ରଖିବା ସହ ଏହାର ଅଧିବାସୀମାନଙ୍କୁ ସର୍ବନିମ୍ନ ସୁବିଧା ସୁଯୋଗ ଯୋଗାଇଦେଇ ସେମାନଙ୍କୁ ନିଜେ ନିଜର ଭାଗ୍ୟ ବିଧାତା ହେବା ନିମନ୍ତେ ସହଯୋଗ କରିବା ଏହି ଯୋଜନାର ମୂଳମନ୍ତ୍ର ।

ସାଂସଦ ଆଦର୍ଶ ଗ୍ରାମ ଯୋଜନାଟି ସମ୍ପୂର୍ଣ୍ଣ ରୂପେ ଗ୍ରାମୀଣ ବିକାଶ ନିମନ୍ତେ ସମର୍ପିତ । ଏଥିପାଇଁ ରାଜ୍ୟର ପ୍ରତ୍ୟେକ ସାଂସଦ ସମତଳ ଅଞ୍ଚଳର ୩୦୦୦ ରୁ ୫୦୦୦ ଜନସଂଖ୍ୟା ବିଶିଷ୍ଟ ଗୋଟିଏ ଗ୍ରାମପଞ୍ଚାୟତକୁ ବା ପାର୍ବତ୍ୟ ଆଦିବାସୀ ଅଧ୍ୟୁଷିତ, ଦୁର୍ଗମ ଇଲାକା ହୋଇଥିଲେ ୧୦୦୦ ରୁ ୩୦୦୦ ଜନସଂଖ୍ୟା ବିଶିଷ୍ଟ ଗୋଟିଏ ଗ୍ରାମପଞ୍ଚାୟତକୁ ପୋଷ୍ୟ ଗ୍ରାମପଞ୍ଚାୟତ ରୂପେ ଗ୍ରହଣ କରିବେ । ଏହି ଗ୍ରାମପଞ୍ଚାୟତଟି ତାଙ୍କ ନିଜର ବା ତାଙ୍କ ପତି ବା ପତ୍ନୀଙ୍କର ନିଜ ଗ୍ରାମ ପଞ୍ଚାୟତ ହୋଇ ନଥିବା ଆବଶ୍ୟକ । ପ୍ରତ୍ୟେକ ସାଂସଦ ୨୦୧୯-୨୪ ମଧ୍ୟରେ ପାଞ୍ଚଗୋଟି ଗ୍ରାମପଞ୍ଚାୟତକୁ (ପ୍ରତିବର୍ଷ ଗୋଟିଏ କରି) ଆଦର୍ଶ ଗ୍ରାମପଞ୍ଚାୟତ ରୂପେ ଗଢ଼ିତୋଳିବାର ଲକ୍ଷ୍ୟ ରଖି ଚୟନ କରିବେ । ଗ୍ରାମବାସୀଙ୍କର ସାମାଜିକ ବିକାଶ ସହ ବ୍ୟକ୍ତିଗତ, ପାରିପାର୍ଶ୍ୱିକ ଓ ଆର୍ଥିକ ବିକାଶ ଏହାର ଉଦ୍ଦେଶ୍ୟ । ଏହି ଯୋଜନାରେ ସାମିଲ ଗ୍ରାମପଞ୍ଚାୟତଗୁଡିକ ନିକଟବର୍ତ୍ତୀ ଗ୍ରାମପଞ୍ଚାୟତ ମାନଙ୍କ ନିମନ୍ତେ ଉଦାହରଣ ରୂପେ ଗଢ଼ିତୋଳିବା ମଧ୍ୟ

ଏହି ଯୋଜନାର ଅନ୍ୟତମ ଉଦ୍ଦେଶ୍ୟ । ମୌଳିକ ସୁବିଧା, ସାମାଜିକ ବିକାଶ, ମାନବ ବିକାଶ, ପରିବେଷ ସୁରକ୍ଷା, ବ୍ୟକ୍ତିଗତ ବିକାଶ, ସାମାଜିକ ସୁରକ୍ଷା, ଅର୍ଥନୈତିକ ବିକାଶ ଓ ସୁଶାସନ ପରି ୮ଟି କ୍ଷେତ୍ରର ବିକାଶ ଉପରେ ସାଂସଦ ଆଦର୍ଶ ଗ୍ରାମ ଯୋଜନା ଗୁରୁତ୍ୱ ଦେଉଅଛି ।

ଉପରୋକ୍ତ ସମସ୍ତ ଲକ୍ଷ୍ୟର ବାସ୍ତବ ରୂପାୟନ ନିମନ୍ତେ ଗ୍ରାମବାସୀଙ୍କ ସହଯୋଗ ଏକାନ୍ତ ଆବଶ୍ୟକ । ବିଭିନ୍ନ କେନ୍ଦ୍ରୀୟ ଯୋଜନା, କେନ୍ଦ୍ରୀୟ ସହାୟତା ପ୍ରାପ୍ତ ଯୋଜନା, ରାଜ୍ୟ ସରକାରଙ୍କ ଯୋଜନା ତଥା ସାଂସଦ ମାନଙ୍କର ହାତ ପାଣ୍ଠିରୁ ଏଥି ନିମନ୍ତେ ଆବଶ୍ୟକ ସମ୍ବଳ ସଂଗ୍ରହ କରାଯିବ । ଯୋଜନାଗୁଡ଼ିକୁ ରୂପାୟନ କରୁଥିବା ସରକାରୀ ବିଭାଗମାନଙ୍କ ମଧ୍ୟରେ ସମନ୍ୱୟ ଦ୍ୱାରା ହିଁ ଏହା ସମ୍ଭବପର ହୋଇପାରିବ । ଅଧିକ କର୍ମ ନିଯୁକ୍ତି ସୃଷ୍ଟି, ପ୍ରବାସୀ ଶ୍ରମିକ ହ୍ରାସ, ଦାଦନ ଓ ଶିଶୁ ଶ୍ରମିକ ତଥା ହାତରେ ମଇଳା ସଫେଇ ପ୍ରଥାର ଉଚ୍ଛେଦ, ଜନ୍ମ ମୃତ୍ୟୁର ଶତ ପ୍ରତିଶତ ପଞ୍ଜୀକରଣ, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଇତ୍ୟାଦି ଏହି ଯୋଜନା କାର୍ଯ୍ୟକାରୀ ହେଲେ ସମ୍ଭବ ହୋଇପାରିବ ।

୨୦୧୪-୧୯ (ମାର୍ଚ୍ଚ ପର୍ଯ୍ୟନ୍ତ) ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ୪୮ ଗୋଟି ଗ୍ରାମପଞ୍ଚାୟତକୁ ସାସଂଦମାନଙ୍କ ଦ୍ୱାରା ଚୟନ କରାଯାଇଥିଲା । ଏହି ଚିହ୍ନିତ ଗ୍ରାମଗୁଡ଼ିକରେ ଗ୍ରାମବିକାଶ ଯୋଜନା ଅନୁଯାୟୀ ୧୦୭୯ ଗୋଟି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ପାଇଁ ଯୋଜନା କରାଯାଇଅଛି । ଗ୍ରାମବିକାଶ ଯୋଜନାର ବିଭିନ୍ନ ପ୍ରକଳ୍ପ ଏକାଭିମୁଖୀ ଯୋଜନା ମାଧ୍ୟମରେ କାର୍ଯ୍ୟକାରି କରାଯାଉଅଛି ଯେଉଁଥିରେ ଅନ୍ୟ ବିଭାଗର ଜନହିତକାରୀ ଯୋଜନା ମଧ୍ୟ ସାମିଲ କରାଯାଉଅଛି ।

## ସାଂସଦ ଆଦର୍ଶ ଗ୍ରାମ ଯୋଜନାର ସଫଳତାର କୋତାଟି ଉଦାହରଣ ନିମ୍ନରେ ପ୍ରଦାନ କରାଗଲା :

୧. ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକର ରାସଙ୍ଗ ସାସଂଦ ଆଦର୍ଶ ଗ୍ରାମପଞ୍ଚାୟତର ଗ୍ରାମବାସୀଙ୍କୁ CAMPA ଯୋଜନା ଅଧୀନରେ ୨୦୦୦୦ ସଂଖ୍ୟକ ଚାରା ଏବଂ ଚାରାରୋପଣ ସାମଗ୍ରୀ ପ୍ରଦାନ କରାଯାଇଛି । ସେହି ଗ୍ରାମପଞ୍ଚାୟତରେ ପ୍ରଧାନ ମନ୍ତ୍ରୀ ଗ୍ରାମ ସଡକ ଯୋଜନା ଅଧୀନରେ ଶତ ପ୍ରତିଶତ ଆନ୍ତଃଗ୍ରାମ ପକ୍କା ରାସ୍ତା ନିର୍ମାଣ କରାଯାଇଅଛି ।

୨. MGNREGA ଯୋଜନା ଅଧୀନରେ ସୁନ୍ଦରଗଡ଼ ଜିଲ୍ଲାରେ ନୂଆଗାଁ ବ୍ଲକର ନୂଆଗାଁ ସାସଂଦ ଆଦର୍ଶ ଗ୍ରାମପଞ୍ଚାୟତରେ ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ୧୦୦୦ ଲିଟର ପ୍ରତି ଘଣ୍ଟା କ୍ଷମତା ବିଶିଷ୍ଟ ୩ ଗୋଟି ଆରୋ ପ୍ଲାଣ୍ଟ ସହିତ ପାନୀୟ ଜଳ ଭଣ୍ଡାର ସ୍ଥାପନ କରାଯାଇଛି ।

୩. ସେହିପରି MGNREGA ଯୋଜନା ଅଧୀନରେ କଟକ ଜିଲ୍ଲାରେ ମାହାଙ୍ଗା ବ୍ଲକର ଲଳିତଗିରି ନୋଡାଲ ଉଚ୍ଚ ବିଦ୍ୟାଳୟରେ ଶିଶୁ ଉଦ୍ୟାନ ନିର୍ମାଣ କରାଯାଇଛି ।

୪.	ଚତୁର୍ଦ୍ଦଶ ଏବଂ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ ଆୟୋଗ (CFC) ପାଣ୍ଠିରୁ କୋରାପୁଟ ଜିଲ୍ଲାରେ ବନ୍ଧୁଗାଁ ବ୍ଲକର ଗାରିଡ଼ି ସାଂସଦ ଆଦର୍ଶ ଗ୍ରାମପଞ୍ଚାୟତର ଡିମ୍ବଗୁଡା ଏବଂ ଶୋଡବଡୀ ଗ୍ରାମ ଅନ୍ତର୍ଗତ ୩ ଗୋଟି ସ୍କୁଲ ଗୁଡିକର ସୌନ୍ଦର୍ଯ୍ୟକରଣ କରାଯାଇଛି ।

ବର୍ତ୍ତମାନ ସୁଦ୍ଧା ୨୦୧୯-୨୪ (ଷଷ୍ଠ ପର୍ଯ୍ୟାୟ) ରେ ୩୧ ଗୋଟି ଗ୍ରାମପଞ୍ଚାୟତ ମାନ୍ୟବର ସାଂସଦମାନଙ୍କ ଦ୍ୱାରା ସାଂସଦ ଆଦର୍ଶ ଗ୍ରାମ ଯୋଜନାରେ ବିକାଶ ପାଇଁ ଚୟନ କରାଯାଇଅଛି । ସେଥିମଧ୍ୟରୁ ୧୮ ଟି ଗ୍ରାମପଞ୍ଚାୟତର ସର୍ବେକ୍ଷଣ ତଥ୍ୟ ସାଂସଦ ଆଦର୍ଶ ଗ୍ରାମ ଯୋଜନାରେ web portalରେ ଦିଆଯାଇଅଛି ।

## (ଗ) ଜାତୀୟ ରୁର୍ବାନ ଅଭିଯାନ ଯୋଜନା

ଶ୍ୟାମା ପ୍ରସାଦ ମୁଖାର୍ଜୀ ରୁର୍ବାନ ଅଭିଯାନ ଭାରତ ସରକାରଙ୍କ ଏକ ଯୋଜନା ଯାହାକି କେନ୍ଦ୍ର କ୍ୟାବିନେଟ ଦ୍ୱାରା ୧୬ ସେପ୍ଟେମ୍ବର ୨୦୧୫ ମସିହାରେ ଅନୁମୋଦିତ ହୋଇଥିଲା ଓ ମାନ୍ୟବର ପ୍ରଧାନମନ୍ତ୍ରୀ ୨୧ ଫେବୃୟାରୀ ୨୦୧୬ରେ ଏହାର ଶୁଭାରମ୍ଭ କରିଥିଲେ । ଏହି ଅଭିଯାନର ଲକ୍ଷ୍ୟ ହେଲା, ରାଜ୍ୟ ଗୋଷ୍ଠୀ ଜୀବନର ସମସ୍ତ ପ୍ରକାର ମୌଳିକ ଉପାଦାନକୁ ଉଜ୍ଜୀବିତ କରାଇବା ସହିତ ଏହାର ସଂରକ୍ଷଣ ମଧ୍ୟ କରାଯାଇ ସହରାଞ୍ଚଳରେ ଉପଲବ୍ଧ ହେଉଥିବା ସମସ୍ତ ପ୍ରକାରର ସୁବିଧା ସୁଯୋଗକୁ ଗ୍ରହଣ କରି ସମାନତା ଓ ଅନ୍ତର୍ଭୁକ୍ତିକରଣ ପ୍ରକ୍ରିୟା ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରି କେତେକ ସଂଲଗ୍ନ ଗ୍ରାମମାନଙ୍କୁ ନେଇ ରୁର୍ବାନ କ୍ଲଷ୍ଟର ସୃଷ୍ଟି କରିବା । ଏତଦ୍‌ବ୍ୟତୀତ ଆଞ୍ଚଳିକ, ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବା ସହିତ ଲୋକମାନଙ୍କ ପାଖରେ ଉଦ୍ଦିଷ୍ଟ ସମସ୍ତ ପ୍ରକାର ମୌଳିକ ସେବା ଗୁଡିକୁ ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ କରାଇ ଏକ ଉତ୍ତମ ଯୋଜନାଯୁକ୍ତ ରୁର୍ବାନ କ୍ଲଷ୍ଟର ସୃଷ୍ଟି କରାଇବା  ହେଉଛି ଜାତୀୟ ରୁର୍ବାନ (NRuM) ଯୋଜନାର ମୂଳଲକ୍ଷ୍ୟ ।

ଅଦ୍ୟାବଧି ରାଜ୍ୟର ୧୪ ଗୋଟି ରୁର୍ବାନ କେନ୍ଦ୍ରସ୍ଥଳୀର ବିକାଶ ପାଇଁ ଭାରତ ସରକାରଙ୍କର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦନ ଲାଭ କରିଅଛି । ସେହିଗୁଡିକ ହେଲା କଟକ ଜିଲ୍ଲାର ‘ତାଳବସ୍ତ’ ଖୋର୍ଦ୍ଧା ଜିଲ୍ଲାର ‘ରାଣିପଡ଼ା’, କଳାହାଣ୍ଡି ଜିଲ୍ଲାର ‘ଉତକେଲା’, ଝାରସୁଗୁଡା ଜିଲ୍ଲାର ‘ସାମଶିଙ୍ଘା’, ମୟୁରଭଞ୍ଜ ଜିଲ୍ଲାର ‘ଠାକୁରମୁଣ୍ଡା’, ବରଗଡ଼ ଜିଲ୍ଲାର, ‘ଦହିତା’, ଗଞ୍ଜାମ ଜିଲ୍ଲାର ‘କେଶପୁର’, ବଲାଙ୍ଗିର ଜିଲ୍ଲାର ‘ଶିବତାଲା’, କନ୍ଧମାଳ ଜିଲ୍ଲାର ‘କୋଟଗଡ଼’, ନବରଙ୍ଗପୁର ଜିଲ୍ଲାର ‘ମୁରତମା’, ବାଲେଶ୍ୱର ଜିଲ୍ଲାର ‘ରାଇବଣିଆ’, ସୁନ୍ଦରଗଡ଼ ଜିଲ୍ଲାର ‘କୁଆଁରମୁଣ୍ଡା’, ରାୟଗଡ଼ା ଜିଲ୍ଲାର ‘ପୁଟାସିଙ୍ଗ’ ଏବଂ କୋରାପୁଟ ଜିଲ୍ଲାର ‘ମରିଚମାଳ’ । ସ୍ଥାନୀୟ ସମ୍ଭାବନା ଭିତ୍ତିରେ ଏହି ୧୪ ଗୋଟି ରୁର୍ବାନ କ୍ଲଷ୍ଟରକୁ ଯଥା ହସ୍ତ ଶିଳ୍ପ, ହସ୍ତ ତନ୍ତ, କୃଷି ଭିତ୍ତିକ ରୂପେ ବର୍ଗୀକରଣ କରାଯାଇଅଛି ।

ବିଭିନ୍ନ ବିଭାଗୀୟ ପୁଞ୍ଜି ଲଗାଣ ନିମନ୍ତେ ବିଷୟଗତ ବର୍ଗୀକରଣ ସୁସମ୍ପନ୍ନ ହୋଇଅଛି ଏବଂ ରୁର୍ବାନ କ୍ଲଷ୍ଟରର ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି ପାଇଅଛି । ଏହା ବ୍ୟତୀତ ଅର୍ଥନୈତିକ କାର୍ଯ୍ୟକଳାପ ମୌଳିକ

ଭିତ୍ତିଭୂମି ନିର୍ମାଣ ଯଥା ରାସ୍ତାର ନାଳ, ପାଇପ ଜଳ ଯୋଗାଣ, ବିଶ୍ରାମ ଗୃହ, ବିପଣନ ବଜାର ଏବଂ ପାଚେରି ନିର୍ମାଣ ଇତ୍ୟାଦି ସୁବିଧା ପହଞ୍ଚାଇ ରୁର୍ବାନ କ୍ଲଷ୍ଟରର ବିକାଶ କରାଯାଉଅଛି । ଏହିପରି ଉନ୍ନତିମୂଳକ କାର୍ଯ୍ୟ ହେଉଥିବାରୁ ତଥା ସମସ୍ତ ରୁର୍ବାନ କ୍ଲଷ୍ଟର ଗୁଡିକରେ ସ୍ଥାନୀୟ ଯୋଜନା ପାଇଁ ବିଜ୍ଞପ୍ତି ଜାରି କରାଯାଇଥିବାରୁ ଓଡ଼ିଶାକୁ ପ୍ରଥମ ରାଜ୍ୟ ଭାବେ ପ୍ରଶଂସିତ କରାଯାଇଅଛି । ପ୍ରଥମ ପର୍ଯ୍ୟାୟରେ ତାଳବସ୍ତ ରୁର୍ବାନ କ୍ଲଷ୍ଟରକୁ ମାର୍ଗଦର୍ଶୀ ପରିକଳ୍ପନା (Pilot Project) ରୂପେ ନିଆଯାଇ ଏହାର ଦୀର୍ଘସ୍ଥାୟୀ ବିକାଶ ପାଇଁ ଜମିର ବିସ୍ତୃତ ବ୍ୟବହାର ଉଦ୍ଦେଶ୍ୟରେ ଏକ ମହା ଯୋଜନା (Master Plan) ପ୍ରସ୍ତୁତ କରାଯାଉଅଛି ।

ସମସ୍ତ ୧୪ ଗୋଟି ରୁର୍ବାନ କ୍ଲଷ୍ଟରର ବିକାଶ ପାଇଁ ପଦକ୍ଷେପ ନିଆଯାଉଅଛି । ଭାରତ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ରୁର୍ବାନ କ୍ଲଷ୍ଟର ଗୁଡିକର ସମନ୍ୱିତ କ୍ଲଷ୍ଟର କାର୍ଯ୍ୟକାରୀ ଯୋଜନା (ICAPs) ଏବଂ ସବିଶେଷ ପ୍ରକଳ୍ପ ବିବରଣୀ (DPRs)ର ପରିବର୍ତ୍ତନର ଆବଶ୍ୟକତା ଅନୁଯାୟୀ ତଥା ଉତ୍ତମ କାର୍ଯ୍ୟ ପଦ୍ଧତି ଅନୁସରଣ କରି କାର୍ଯ୍ୟାନ୍ୱୟନ ପାଇଁ ସଂଶୋଧନ କରାଯାଇଅଛି । ତାହା ରାଜ୍ୟ ସ୍ତରୀୟ କ୍ଷମତାସମ୍ପନ୍ନ କମିଟି ଓ ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦିତ ହୋଇଅଛି । ଏହି ମିଶନ ବିଷୟରେ ଜନସାଧାରଣଙ୍କ ସଚେତନତା ପାଇଁ କ୍ଲଷ୍ଟର ସ୍ତରରେ ଏବଂ ରାଜ୍ୟ ସ୍ତରରେ ସୂଚନା, ଶିକ୍ଷା ତଥା ଯୋଗାଯୋଗ (IEC) ମାଧ୍ୟମରେ ବ୍ୟାପକ କାର୍ଯ୍ୟକ୍ରମ କରାଯାଇଅଛି । ଏପରିକି ପ୍ରତିବର୍ଷ ଜାନୁୟାରୀ ମାସରେ ଶିଶିର ସରସ ମେଳାରେ ପ୍ରଚାରପତ୍ର ବଣ୍ଟନ ତଥା ରୁର୍ବାନ କ୍ଲଷ୍ଟରଗୁଡିକରେ ଉତ୍ପନ୍ନ ହେଉଥିବା ସାମଗ୍ରୀଗୁଡିକ ପ୍ରଦର୍ଶନ କରାଯାଇ କ୍ଲଷ୍ଟର ମଧ୍ୟରେ ବୃତ୍ତିଗତ ଜୀବିକା ଅଭିବୃଦ୍ଧି ପାଇଁ ସୁଯୋଗ ସୃଷ୍ଟି କରାଯାଉଅଛି । ହିତାଧିକାରୀମାନଙ୍କ ଉପରେ ଯୋଜନା ଗୁଡ଼ିକର ପ୍ରଭାବକୁ ଜାଣିବା ପାଇଁ ସ୍ଥାନୀୟ ସ୍ତରରେ ନିୟମିତ ଭାବରେ ମୂଲ୍ୟାୟନ କରାଯାଉଅଛି । ଏଥି ମଧ୍ୟରୁ କ୍ଲଷ୍ଟର ଗୁଡିକରେ ଅନେକ ଅର୍ଥନୈତିକ ଯୋଜନା ହାତକୁ ନିଆଯାଇ ଛତୁଚାଷ, ଲେମନ ଗ୍ରାସ୍ ପ୍ୟାକେଜିଂ ଆଦି କାର୍ଯ୍ୟ ଆରମ୍ଭ କରାଯାଇଅଛି । ଉତ୍ପାଦକ ଗୋଷ୍ଠୀ ଗଠନ କରାଯାଇ ସେମାନଙ୍କୁ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି (ORMAS)ର ବୈଷୟିକ ପରାମର୍ଶରେ ପ୍ରଶିକ୍ଷଣ ପ୍ରଦାନ କରାଯାଇ ଅର୍ଥନୈତିକ ବିକାଶ ପାଇଁ ପ୍ରୟାସ ଚାଲୁ ରହିଅଛି । ରୁର୍ବାନ କ୍ଲଷ୍ଟର ଗୁଡ଼ିକର ସମସ୍ତ କାର୍ଯ୍ୟକାରିତା ବିବରଣୀ ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ଡ଼ିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ କରାଯିବା ପାଇଁ ପ୍ରୟାସ କରାଯାଉଅଛି । ସମ୍ପ୍ରତି ରୁର୍ବାନ କ୍ଲଷ୍ଟର ଗୁଡିକର ସର୍ବବିଦିତ ଆର୍ଥିକ ପରିଚାଳନା ପଦ୍ଧତି (PFMS) ଏକୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି । ଜାତୀୟ ରୁର୍ବାନ ମିଶନ ଯୋଜନାରେ ପ୍ରାପ୍ତ ଅର୍ଥର ୭୫% ବ୍ୟୟ ହୋଇଅଛି ଏବଂ ଏହାର ବିନିଯୋଗ ପ୍ରମାଣପତ୍ର କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯାଇଅଛି ।


ବିଶ୍ୱବ୍ୟାପି ମହାମାରୀ କୋଭିଡ - ୧୯ ପରିସ୍ଥିତିରେ କ୍ଲଷ୍ଟର ସ୍ତରରେ ଭିତ୍ତିଭୂମି ସଂରଚନା କରାଯାଇ ରୋଗ ଏବଂ ସ୍ୱାସ୍ଥ୍ୟ ସମ୍ପର୍କରେ ପ୍ରାକ ସାବଧାନତା ବିଷୟରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରାଯାଇଅଛି ।

ଗରିବ କଲ୍ୟାଣ ଯୋଜନା ମାଧ୍ୟମରେ କେତେକ ରୁର୍ବାନ କ୍ଲଷ୍ଟରରେ ଫେରନ୍ତା ପ୍ରବାସୀ ଶ୍ରମିକମାନଙ୍କ ପାଇଁ ରୋଜଗାର ସୁଯୋଗ ସୃଷ୍ଟି କରାଯାଇଅଛି ।

ଭାରତ ସରକାରଙ୍କର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଠାରୁ ଜାତୀୟ ରୁର୍ବାନ ମିଶନ ଯୋଜନାରେ ପ୍ରାପ୍ତ ହୋଇଥିବା କେନ୍ଦ୍ରୀୟ ଅନୁଦାନ ଏବଂ ଏହାର ରାଜ୍ୟ ଅନୁରୂପ ଅନୁଦାନ ନିମ୍ନରେ ପ୍ରଦାନ କରାଗଲା ।

| | | | (ଟଙ୍କା କୋଟିରେ) |
|---|---|---|---|
| ଆର୍ଥିକ ବର୍ଷ | କେନ୍ଦ୍ରୀୟ ଅନୁଦାନ | ରାଜ୍ୟ ଅନୁରୂପ ଅନୁଦାନ | ମୋଟ |
| 2015-16 | 1.65 | 0.00 | 1.65 |
| 2016-17 | 45.05 | 30.03 | 75.08 |
| 2017-18 | 20.30 | 13.53 | 33.83 |
| 2018-19 | 13.50 | 9.00 | 22.50 |
| 2019-20 | 5.40 | 3.60 | 9.00 |
| 2020-21 | 10.80 | 7.20 | 18.00 |
| **Total** | **96.70** | **63.3633** | **160.0633** |

ଏହି ଯୋଜନାରେ ୮୦.୦୦ କୋଟି ଟଙ୍କା (କେନ୍ଦ୍ରୀୟ ଅନୁଦାନ ୪୮.୦୦ କୋଟି + ରାଜ୍ୟ ଅନୁଦାନ ୩୨.୦୦ କୋଟି) ୨୦୨୧-୨୨ ଆର୍ଥିକ ବର୍ଷରେ ବ୍ୟୟବରାଦ କରାଯାଇଅଛି । ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୮୦.୦୦ କୋଟି ଟଙ୍କା (କେନ୍ଦ୍ରୀୟ ଅନୁଦାନ ୪୮.୦୦ କୋଟି + ରାଜ୍ୟର ଅନୁଦାନ ୩୨.୦୦ କୋଟି) ବ୍ୟୟ ବରାଦ କରାଯିବା ପାଇଁ ପ୍ରସ୍ତାବ ରହିଅଛି । ଏହି ଯୋଜନାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଣ୍ଠିର ଅନୁପାତ ହାତ ୬୦:୪୦ ଅଟେ ।



# ୪ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

## ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ :

ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ପ୍ରଶିକ୍ଷଣ ପ୍ରତିଷ୍ଠାନ ରୂପେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ କାର୍ଯ୍ୟ କରୁଅଛି । ଏହି ପ୍ରତିଷ୍ଠାନର ପ୍ରଶାସନିକ ନିୟନ୍ତ୍ରଣରେ ଭୁବନେଶ୍ୱର, କେନ୍ଦୁଝର ଓ କଳାହାଣ୍ଡିଠାରେ ୩ଟି ସମ୍ପ୍ରସାରଣ ପ୍ରଶିକ୍ଷଣ କେନ୍ଦ୍ର ଓ ୧୫ଟି ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର କାର୍ଯ୍ୟ କରୁଅଛି । ତ୍ରିସ୍ତରୀୟ ପଞ୍ଚାୟତିରାଜ ପ୍ରତିନିଧି ଓ କର୍ମକର୍ତ୍ତାଙ୍କ ଦକ୍ଷତା ବିକାଶ ନିମନ୍ତେ ଏହା ପ୍ରମୁଖ ସଂସ୍ଥା ରୂପେ କାର୍ଯ୍ୟ କରୁଅଛି । ପୁନଶ୍ଚ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଫଳପ୍ରଦ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାରଙ୍କ ମଧ୍ୟରେ ସଚେତନତା ଲକ୍ଷ୍ୟ ନେଇ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ବିଭିନ୍ନ ଯୋଜନାର ଗବେଷଣା, ମୂଲ୍ୟାୟନ ତଥା ବିଭିନ୍ନ ପ୍ରସଙ୍ଗ ଓ ସମସ୍ୟାକୁ ନେଇ ପୁସ୍ତିକା, ସମାଚାର ପତ୍ରିକା, ପ୍ରଚାର ପତ୍ର ତଥା ବୃତ୍ତଚିତ୍ର ପ୍ରସ୍ତୁତ କରିଛି । ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ନିମନ୍ତେ ମୁଖ୍ୟତଃ ପଞ୍ଚାୟତିରାଜ ମନ୍ତ୍ରାଳୟ ଓ ଗ୍ରାମୀଣ ବିକାଶ ମନ୍ତ୍ରାଳୟ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନକୁ ଅର୍ଥ ପ୍ରଦାନ କରିଥାନ୍ତି । ଏହା ବ୍ୟତୀତ ଓଡିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା ଯୋଜନା ସମ୍ବନ୍ଧରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାନ ମଧ୍ୟ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ଆୟୋଜନ କରିଥାଏ ।

## ୨୦୨୧-୨୨ ବର୍ଷର ପ୍ରମୁଖ ଉପଲବ୍ଧି ଗୁଡ଼ିକ ନିମ୍ନରେ ଦିଆଗଲା

## ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ :

ଭାରତ ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରଣାଳୟ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ରାଷ୍ଟ୍ରୀୟ ଗ୍ରାମସ୍ୱରାଜ ଅଭିଯାନ ଯୋଜନାରେ ୨୦୨୧-୨୨ର ବାର୍ଷିକ କାର୍ଯ୍ୟ ଖସଡା ଅନୁଯାୟୀ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ୧୮୯୧ଟି କାର୍ଯ୍ୟକ୍ରମ ମାଧ୍ୟମରେ ୭୫,୭୪୦ ଜଣଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରିଥିଲା ।

କୋଭିଡ ମହାମାରୀ ଜନିତ ପରିସ୍ଥିତିକୁ ଦୃଷ୍ଟିରେ ରଖି ୨୦୨୧-୨୨ ଆର୍ଥିକ ବର୍ଷରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ଦ୍ୱାରା ଉଭୟ ଶ୍ରେଣୀଗୃହ ଓ ଭର୍ଚୁଆଲ ପ୍ରଶିକ୍ଷଣ କାର୍ଯକ୍ରମ ଅନୁଷ୍ଠିତ କରାଯାଇଛି । ୫୧ଟି ଅନଲାଇନ କାର୍ଯ୍ୟକ୍ରମ ମାଧ୍ୟମରେ ୧୧,୮୧୭ ଜଣ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ କରାଯାଇଥିବା ବେଳେ ୪୮ ଟି ଶ୍ରେଣୀଗୃହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ୧୩୩୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ରାଷ୍ଟ୍ରୀୟ ଗ୍ରାମସ୍ୱରାଜ ଅଭିଯାନ ଅଧୀନରେ ଚଳିତ ବର୍ଷରେ ବିଭିନ୍ନ ଜିଲ୍ଲାରେ ୫୬୧ଟି କ୍ଷେତ୍ରସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ୧୮୫୦୩ ଜଣଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଅଛି ।

ମୋଟାମୋଟି ଭାବେ ୩୦ ଡିସେମ୍ବର ୨୦୨୧ ସୁଦ୍ଧା ୭୨୨ଟି (ଅନଲାଇନ ଓ ଶ୍ରେଣୀଗୃହ) ପ୍ରଶିକ୍ଷଣ ମାଧ୍ୟମରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ୩୪,୫୨୮ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ଦେବାର ସଫଳତା ହାସଲ କରିପାରିଛି । ତନ୍ମଧ୍ୟରୁ ଚଳିତବର୍ଷ ଆୟୋଜିତ ହୋଇଥିବା କେତେକ ବିଶେଷ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମ୍ବନ୍ଧରେ ନିମ୍ନରେ ସୂଚନା ପ୍ରଦାନ କରାଗଲା –

ପିପୁଲ୍ସ ପ୍ଲାନ କ୍ୟାମ୍ପେନକୁ ସଫଳ କରିବା ସହ ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ତଥା ଜିଲ୍ଲା ପରିଷଦ ସ୍ତରରେ ବିକାଶ ଯୋଜନା ପ୍ରସ୍ତୁତି ନିମନ୍ତେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ "ପିପୁଲ୍ସ ପ୍ଲାନ କ୍ୟାମ୍ପେନ-୨୦୨୧" ଶୀର୍ଷକ ୭ଟି ପ୍ରଶିକ୍ଷକଙ୍କ ନିମନ୍ତେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ କରିଅଛି । ଯେଉଁଥିରେ ୭୩୧ ଜଣ ଜିଲ୍ଲା ଓ ବ୍ଲକ ସ୍ତରୀୟ ପ୍ରଶିକ୍ଷାର୍ଥୀ ଭାଗ ନେଇଥିଲେ । ଯେଉଁମାନେ ପରବର୍ତ୍ତୀ ସମୟରେ କ୍ରମାନ୍ୱୟିକ ଧାରାରେ ଗ୍ରାମପଞ୍ଚାୟତ ସ୍ତରୀୟ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରିତା ନିମନ୍ତେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ସ୍ତରରେ ବିଭିନ୍ନ ଅଧିକାରୀଙ୍କୁ ନେଇ ଏକ ତଦାରଖ ଦଳ ଗଠିତ ହୋଇଛି ।

ଗ୍ରାମ ମାନଚିତ୍ର ଓ ସ୍ୟାଟ୍‌ଲାଇଟ୍ ମ୍ୟାପିଂର ସହାୟତା ନେଇ ଗ୍ରାମପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତିକୁ ଅଧିକ ବାସ୍ତବମୁଖି କରାଯାଇ ପାରିବ । ଏହା ଦ୍ୱାରା ଗ୍ରାମପଞ୍ଚାୟତ ସ୍ତରରେ ପ୍ରାକୃତିକ ସମ୍ବଳର ସୁପରିଚାଳନା ହେବା ସହିତ ଏହା ଦୀର୍ଘସ୍ଥାୟୀ ହୋଇପାରିବ । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ସ୍ୱତନ୍ତ୍ର ଭାବେ ୩ ଦିନିଆ ଜିଓ-ସ୍ପାସିଆଲ୍ ପ୍ରଶିକ୍ଷଣ ମଡ୍ୟୁଲ୍ ପ୍ରସ୍ତୁତ କରିଛି । ଏହି କ୍ରମରେ ୬ଟି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ୨୨୦ ଜଣ ବ୍ଲକ୍ ଓ ଜିଲ୍ଲା ସ୍ତରର ସମ୍ବଳ ବ୍ୟକ୍ତିମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି, ଯେଉଁମାନେ କ୍ଷେତ୍ର ସ୍ତରରେ ଗ୍ରାମପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତି ସହିତ ସମ୍ପୃକ୍ତ ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି ।

ସ୍ୱଚ୍ଛ ଭାରତ ମିଶନ - ୨ (ଗ୍ରାମୀଣ) ଅନ୍ତର୍ଗତ ପରିମଳ ଓ ପାନୀୟ ଜଳର ଗୁରୁତ୍ୱକୁ ଉପଲବ୍ଧି କରି ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ୫ଟି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ୨୧୦୭ ଜଣ ଜିଲ୍ଲା ଓ ବ୍ଲକସ୍ତରୀୟ କର୍ମକର୍ତ୍ତାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଅଛି ।

ୟୁନିସେଫ, ଓଡ଼ିଶା ଏବଂ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନର ମିଳିତ ସହଭାଗୀତାରେ "ଶିଶୁ ଅନୁକୂଳ ପଞ୍ଚାୟତ ଶୀର୍ଷକ" ୧ଗୋଟି ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇ ୩୧ ଜଣ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି ।

କୋଭିଡ ମହାମାରୀ ସମୟରେ ଜୀବିକା ସର୍ବାପେକ୍ଷା ଅଧିକ ପ୍ରଭାବିତ ହୋଇଛି । ସୁରକ୍ଷିତ ଗ୍ରାମୀଣ ଜୀବିକା ସହିତ ଆୟ ବୃଦ୍ଧି ପାଇଁ ବିକଳ୍ପ ବ୍ୟବସ୍ଥା ପ୍ରବର୍ତ୍ତନ ନିମନ୍ତେ ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଜାତୀୟ ଜୀବିକା ମିଶନ ତଥା ଅନ୍ୟାନ୍ୟ ପ୍ରମୁଖ ଯୋଜନାରେ ନୂତନ ପ୍ରୟାସ ଆରମ୍ଭ କରାଯାଇଛି । ଏହି ପରିପ୍ରେକ୍ଷୀରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ପକ୍ଷରୁ "ଦୀର୍ଘସ୍ଥାୟୀ ବିକାଶ ନିମନ୍ତେ

ପ୍ରମୁଖ ଯୋଜନା ଗୁଡ଼ିକର ଏକାଭିମୁଖୀକରଣ”ସମ୍ବନ୍ଧୀୟ ୧୧ ଗୋଟି ପ୍ରଶିକ୍ଷଣ ଅନୁଷ୍ଠିତ ହୋଇ ମୋଟ ୪୯୧ ଜଣ ଅଂଶଗ୍ରହଣକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା ।

ଭାରତ ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରାଳୟର ଆଭିମୁଖ୍ୟ ଅନୁସାରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ପକ୍ଷରୁ କୃଷି ତଥା ଆନୁଷଙ୍ଗିକ କାର୍ଯ୍ୟବିଧି, ପ୍ରାକୃତିକ ସଂପଦର ପରିଚାଳନା, ସ୍ୱାସ୍ଥ୍ୟ ଓ ପୁଷ୍ଟି ବିକାଶ ତଥା ପ୍ରାଥମିକ ଶିକ୍ଷାର ଅଭିବୃଦ୍ଧି ସଂପର୍କିତ ପ୍ରଶିକ୍ଷଣରେ ୩୦୯ ଜଣ ଅଂଶଗ୍ରହଣକାରୀ ସାମିଲ ହୋଇଥିଲେ ।

ରାଜ୍ୟର ଜିଲ୍ଲା ସ୍ତରରେ କାର୍ଯ୍ୟରତ ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶିକ୍ଷଣ), ଜିଲ୍ଲା ପେସା ସଂଯୋଜକ ମାନଙ୍କର ଏକ ଚାରିଦିନିଆ କୋରାପୁଟ ଜିଲ୍ଲାକୁ କ୍ଷେତ୍ର ପରିଭ୍ରମଣ ୨୦୨୧ ଡିସେମ୍ବର ୨୭ରୁ ୩୦ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଜିଲ୍ଲା ପଞ୍ଚାୟତ ସମ୍ବଳ କେନ୍ଦ୍ର (ଡି.ପି.ଆର୍.ସି) ତଥା ପେସା କାର୍ଯ୍ୟଧାରାର କାର୍ଯ୍ୟକାରିତା ସମ୍ପର୍କୀୟ ଏକ ରାଜ୍ୟ ସ୍ତରୀୟ କର୍ମଶାଳା କୋରାପୁଟ ଠାରେ ଅନୁଷ୍ଠିତ ହୋଇଥିଲା । ରାଜ୍ୟର ଅନ୍ୟ ଏକ ସଫଳ କୋରାପୁଟ୍ ଜିଲ୍ଲା ଡି.ପି.ଆର.ସି.ର କାର୍ଯ୍ୟକାରିତା ସମ୍ବନ୍ଧରେ ପ୍ରଶିକ୍ଷାର୍ଥୀମାନେ ଅବଗତ ହେବା ସହିତ କ୍ଷେତ୍ର ପରିଭ୍ରମଣ ବେଳେ ପେସା କାର୍ଯ୍ୟଧାରା ସମ୍ବନ୍ଧରେ ବିଭିନ୍ନ ବିଶେଷ ତଥା ଅନନ୍ୟ ପ୍ରୟାସ ସମ୍ବନ୍ଧରେ ଜ୍ଞାନ ଆହରଣ କରିଥିଲେ ।

## ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମ (ଆଇ.ଇ.ସି) :

ତୃଣମୂଳ ସ୍ତରରେ ଶାସନ ବ୍ୟବସ୍ଥାକୁ ସଶକ୍ତ କରିବା ପାଇଁ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ପକ୍ଷରୁ ବିସ୍ତୃତ ସୂଚନା, ଶିକ୍ଷା ଓ ଯୋଗାଯୋଗ ଯୋଜନାର ଅଂଶ ସ୍ୱରୂପ ବିଭିନ୍ନ ଆଇ.ଇ.ସି ପଦକ୍ଷେପ କାର୍ଯ୍ୟକାରୀ ହେଉଛି ।

- ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ତଥା ଜିଲ୍ଲା ପରିଷଦ ସ୍ତରରେ ସଫଳ ବିକାଶ ଯୋଜନା ପ୍ରସ୍ତୁତି ପାଇଁ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଓ କର୍ମକର୍ତ୍ତାମାନଙ୍କ ନିମନ୍ତେ ଓଡ଼ିଆରେ ଏକ ପ୍ରଶିକ୍ଷଣ ମାନ୍ୟୁଆଲ୍ ପ୍ରସ୍ତୁତ କରାଯାଇଛି ।

- ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ ଆୟୋଗଙ୍କ ଦ୍ୱାରା ସୁପାରିଶ ଅନୁଦାନର ଫଳପ୍ରଦ ବିନିଯୋଗ ପରିପ୍ରେକ୍ଷୀରେ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଓ କର୍ମକର୍ତ୍ତାମାନଙ୍କ ନିମନ୍ତେ ଓଡ଼ିଆରେ ଏକ ସମ୍ବଳ ପୁସ୍ତିକା ପ୍ରସ୍ତୁତ କରାଯାଇଛି ।

- ଦାରିଦ୍ର୍ୟ ଓ ମାନବ ବିକାଶ ତଦାରଖ ସଂସ୍ଥା (ଫାଡ୍‌ମା)ଙ୍କ ନିମନ୍ତେ ବିଭିନ୍ନ ଗ୍ରାମୀଣ ବିକାଶ ତଥା ଜନକଲ୍ୟାଣକାରୀ ଯୋଜନା ସମ୍ବନ୍ଧୀୟ ଏକ ପ୍ରଶ୍ନ ଉତ୍ତରୀ ପୁସ୍ତିକା ପ୍ରସ୍ତୁତ କରାଯାଇଛି, ଯାହା ନିର୍ବାଚିତ ପଞ୍ଚାୟତ ଜନ ପ୍ରତିନିଧି ଓ କର୍ମକର୍ତ୍ତାଙ୍କ ପ୍ରଶିକ୍ଷଣରେ ବ୍ୟବହାର କରାଯାଉଛି ।

- ପାଞ୍ଚ ଗୋଟି ଆଦର୍ଶ ପଞ୍ଚାୟତରେ ବିଭିନ୍ନ ବିଷୟ ଯଥା ନେତୃତ୍ୱର ବିକାଶ, ମହିଳା ସଶକ୍ତି କରଣ, ସାମାଜିକ ବିକାଶ ତଥା କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧରେ ୩୦ ମିନିଟ୍‌ର ଡକୁମେଣ୍ଟାରି ଫିଲ୍ମ (ବୃତ୍ତ ଚିତ୍ର) ସାଂସଦ ଟେଲିଭିଜନ ଦ୍ୱାରା ପ୍ରସ୍ତୁତ କରାଯାଇଛି ।
- ୟୁନିସେଫ୍ ସହାୟତାରେ ଶିଶୁ ପ୍ରିୟ ପଞ୍ଚାୟତ ଗଠନ ନିମନ୍ତେ ସ୍ଥାୟୀ କମିଟି ଗୁଡ଼ିକର ଗଠନ ଓ ଏହାର କାର୍ଯ୍ୟକାରିତା ସମ୍ବନ୍ଧରେ ପାଞ୍ଚ ଗୋଟି କ୍ଷୁଦ୍ର ଚଳଚ୍ଚିତ୍ର (ଆନିମେସନ୍ ଫିଲ୍ମ) ପ୍ରସ୍ତୁତ କରାଯାଇଛି ।
- ସ୍ୱୟଂ ସହାୟକ ଗୋଷ୍ଠୀ, ସଂଗୋଷ୍ଠୀ ସ୍ତରୀୟ ସଂଘ ଓ ଗ୍ରାମ ପଞ୍ଚାୟତ ସ୍ତରୀୟ ମହାସଂଘ ପାଇଁ ୯ଟି ପ୍ରଶିକ୍ଷଣ ସାରଣୀର ରେଖାଙ୍କନ ଓ ପ୍ରସ୍ତୁତି ସଂପୂର୍ଣ୍ଣ ହୋଇଛି ।

## ପ୍ରଶିକ୍ଷଣ ନିମନ୍ତେ ଭିତ୍ତିଭୂମି ବିକାଶ :

ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ ଯୋଜନାରେ ରାଜ୍ୟ ସ୍ତରରେ ରାଜ୍ୟ ପଞ୍ଚାୟତ ସମ୍ବଳ କେନ୍ଦ୍ର (ଏସ୍‌ପିଆର୍‌ସି) ଏବଂ ଜିଲ୍ଲା ସ୍ତରରେ ଜିଲ୍ଲା ପଞ୍ଚାୟତ ସମ୍ବଳ କେନ୍ଦ୍ର (ଡିପିଆର୍‌ସି) ସ୍ଥାପିତ ହୋଇଛି । ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର (ଡିପିଆର୍‌ସି) ଗୁଡିକ ଜ୍ଞାନ ପରିଚାଳନା ସମ୍ବଳ କେନ୍ଦ୍ର ରୂପେ ପଞ୍ଚାୟତିରାଜ ପ୍ରତିନିଧିଙ୍କର ବିଭିନ୍ନ ବିଷୟ ଉପରେ ଆଧାରିତ ପ୍ରଶିକ୍ଷଣ ଦ୍ୱାରା ଦକ୍ଷତା ବୃଦ୍ଧି କରିବାରେ ସହାୟକ ହୋଇପାରିବ । ବିବରଣୀ ପ୍ରଦାନ ଅବଧି ସୁଦ୍ଧା ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ୨୧ଟି ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର ମଧ୍ୟରୁ ୧୫ଟି ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର (ଡିପିଆର୍‌ସି) ନିର୍ମାଣ କାମ ଶେଷ ହୋଇ କାର୍ଯ୍ୟକ୍ଷମ ହୋଇପାରିଛି ।



# ୪ ଇ-ପ୍ରଶାସନ ପଦକ୍ଷେପ

ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସୂଚନା ସଂଚାର ପ୍ରଯୁକ୍ତି ବିଦ୍ୟା (ICT) ର ଉପଯୋଗ କରି ଜନସାଧାରଣଙ୍କ ନିକଟରେ ଏକ ସ୍ୱଚ୍ଛ, ଉତ୍ତରଦାୟୀ ପ୍ରଶାସନ ସେବା ପହଞ୍ଚାଇବାର ପଦକ୍ଷେପ ନେଇଛି । ଏହାର ସଫଳ ସଦୁପଯୋଗ ପାଇଁ ଅନେକ ଗୁଡିଏ ପ୍ରଶାସନ ସଫ୍ଟୱେରର ପ୍ରବର୍ତ୍ତନ କରାଯାଇଛି । ଗ୍ରାମାଞ୍ଚଳରେ ବିଭିନ୍ନ କେନ୍ଦ୍ର ଓ ରାଜ୍ୟ ଯୋଜନାର ଖର୍ଚ୍ଚର ସୁପରିଚାଳନା ପାଇଁ ICT ର ଉପଯୋଗ ନିହାତି ଜରୁରୀ ଅଟେ । ଏହି ଲକ୍ଷ୍ୟକୁ ହାସଲ କରିବା ପାଇଁ ଯୋଜନା ଓ କାର୍ଯ୍ୟକ୍ରମର ସୂଚନା ଲୋକ ମାନଙ୍କ ପାଖରେ ପହଞ୍ଚାଇବାର ଆବଶ୍ୟକତା ରହିଛି । ଏଥିପାଇଁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ବହୁବିଧ ଇ-ପ୍ରଶାସନର ଶୁଭାରମ୍ଭ କରିଛି ।

## ଇ-ପ୍ରଶାସନର ସୁଦୃଢ଼ୀକରଣ ପାଇଁ ପଦକ୍ଷେପ :

**Hardware :** ଏଥିପାଇଁ ଆବଶ୍ୟକ ଥିବା ଯନ୍ତ୍ରପାତି ବ୍ଲକ / ଡ଼ି.ଆର.ଡ଼ି.ଏ. ଗୁଡିକୁ ୨୦୦୩-୦୪ ବର୍ଷରେ ଯୋଗାଇ ଦିଆଯାଇ କମ୍ପ୍ୟୁଟରୀକରଣ କରାଯାଇଅଛି । ପୁନଶ୍ଚ ବିଦ୍ୟୁତ ଯୋଗାଣକୁ ଦୃଷ୍ଟିରେ ରଖି ଗ୍ରାମ ପଞ୍ଚାୟତଗୁଡିକୁ ୨୦୦୯-୧୦ ବର୍ଷରେ laptop ଓ desktop ଯୋଗାଇ ଦିଆଯାଇଛି । ବର୍ତ୍ତମାନ ସମସ୍ତ ଗ୍ରାମ ପଞ୍ଚାୟତ ଗୁଡିକୁ କମ୍ପ୍ୟୁଟରିକରଣ କରାଯାଇ ଇଣ୍ଟରନେଟ ମାଧ୍ୟମରେ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା କାର୍ଯ୍ୟକାରୀ କରାଯାଉଅଛି ।

**Connectivity :** ସମସ୍ତ ବ୍ଲକ ଓ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାମାନଙ୍କୁ ଏହି ବିଭାଗ ତରଫରୁ OSWAN Connectivity ମାଧ୍ୟମରେ ବ୍ଲକ ସ୍ତରରୁ ଜିଲ୍ଲା ଓ ରାଜ୍ୟ ସ୍ତର ପର୍ଯ୍ୟନ୍ତ ତତକ୍ଷଣାତ ତଥ୍ୟ ବିନିମୟର ବ୍ୟବସ୍ଥା ହୋଇଅଛି ।

**Man Power :** (ମାନବସମ୍ବଳ) : ଇ-ପ୍ରଶାସନ ର ସଫଳ ରୂପାୟନ ପାଇଁ ବ୍ଲକ ଓ DRDA ସ୍ତରରେ ବୈଷୟିକ ଜ୍ଞାନ ସମ୍ପନ୍ନ Computer Programmer ମାନଙ୍କୁ ନିଯୁକ୍ତି ଦିଆଯାଇଛି । ଏଥି ସହିତ MGNREGS କାର୍ଯ୍ୟ ପାଇଁ ଅତିରିକ୍ତ Computer Programmer ଓ Data Entry Operator ପରିଚାଳକମାନଙ୍କୁ ନିଯୁକ୍ତି ଦିଆଯାଇଛି ।

## ବିଭିନ୍ନ ଇ-ପ୍ରଶାସନ ସଫ୍ଟୱେର

### (କ) ଇ-ଗ୍ରାମସ୍ୱରାଜ :

ସମଗ୍ର ଦେଶରେ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କର ଇ-ପ୍ରଶାସନକୁ ସୁଦୃଢ଼ କରିବା ପାଇଁ ପଞ୍ଚାୟତିରାଜ ମନ୍ତ୍ରଣାଳୟ ଏହି ବ୍ୟବହାର ଉପଯୋଗୀ ୱେବ୍ ପୋର୍ଟାଲ ଆରମ୍ଭ କରିଛନ୍ତି । ଇ-

ଗ୍ରାମସ୍ୱରାଜ ବିକେନ୍ଦ୍ରୀକରଣ ଯୋଜନା, ଅଗ୍ରଗତି ବିବରଣୀ ଏବଂ କାର୍ଯ୍ୟର ହିସାବରେ ସ୍ୱଚ୍ଛତା ଆଣିବା ପାଇଁ ଉଦ୍ଦିଷ୍ଟ । ଏହା ଅଧିନରେ ହେଉଥିବା କାର୍ଯ୍ୟ ଗୁଡ଼ିକ ନିମ୍ନରେ ପ୍ରଦତ୍ତ କରାଗଲା-

- ପଞ୍ଚାୟତିରାଜ ଅନୁଷ୍ଠାନଗୁଡିକର ସମସ୍ତ ଆୟ ଏବଂ ବ୍ୟୟ ଉପରେ ନଜର ରଖିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ଅନୁପ୍ରୟୋଗ ପଞ୍ଚାୟତିରାଜ ପ୍ରତିଷ୍ଠାନ (PRI)ର ଉନ୍ନତ ଆର୍ଥିକ ପରିଚାଳନାକୁ ସୁଗମ କରିଥାଏ ଏବଂ ଖାତାଗୁଡିକର ରକ୍ଷଣାବେକ୍ଷଣାରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ଆଣିଥାଏ । ଏହା ଦ୍ୱାରା ଉନ୍ନତ ବିଶ୍ୱସନୀୟତା ଆସିବା ସଙ୍ଗେ ସଙ୍ଗେ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡିକୁ ସୁଦୃଢ଼ କରିଥାଏ । ଏହା ଏକ କେନ୍ଦ୍ରୀୟ ଆକାଉଣ୍ଟିଂ ସଫ୍ଟୱେର ଯାହାକି ପଞ୍ଚାୟତିରାଜର ତିନୋଟି ସ୍ତର ଯଥା ଜିଲ୍ଲା, ବ୍ଲକ ଏବଂ ଗ୍ରାମପଞ୍ଚାୟତ ଦ୍ୱାରା ବ୍ୟବହାର ପାଇଁ ଉଦ୍ଦିଷ୍ଟ । ଆକାଉଣ୍ଟିଂ ପ୍ରକ୍ରିୟାକୁ ସରଳ ଏବଂ ସହଜ କରିବା ବ୍ୟତିତ (ଏହି ସ୍ତରରେ ପ୍ରଶିକ୍ଷଣପ୍ରାପ୍ତ ମାନବ ସମ୍ବଳର ଅଭାବ ହେତୁ) ଏହା ପଞ୍ଚାୟତ ସ୍ତରରେ ଏକ ଉତ୍ତମ ଆର୍ଥିକ ପରିଚାଳନା, ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରେ ।

- ବିକେନ୍ଦ୍ରୀକରଣ ଯୋଜନା ପ୍ରକ୍ରିୟାକୁ ସୁଗମ କରିବା ପାଇଁ ଉଦ୍ଦିଷ୍ଟ ଏହି ପୋର୍ଟାଲ୍ ଗ୍ରାମ ପଞ୍ଚାୟତ ବିକାଶ ଯୋଜନାକୁ ଧାରଣ କରିବା ସହ ଯୋଜନା ଗୁଡ଼ିକର କାର୍ଯ୍ୟକାରିତା ପାଇଁ ପାଣ୍ଠି ପ୍ରଦାନ କରିଥାଏ । ଏହି ସଫ୍ଟୱେରରେ, ଗ୍ରାମପଞ୍ଚାୟତଗୁଡିକ ପ୍ରସ୍ତୁତ କରିଥିବା GPDP ଅପଲୋଡ଼ କରିଥାନ୍ତି ।

- ଜାରି ରହିଥିବା ସମ୍ପତ୍ତି ଆଧାରିତ କାର୍ଯ୍ୟଗୁଡିକର ପ୍ରଗତିକୁ କ୍ୟାପଚର ଏବଂ ଅପଲୋଡ଼ କରିବା ପାଇଁ ଏହା ଏକ ମୋବାଇଲ ଫୋନ ଆପ୍ଲିକେଶନ । ଏହା ସମ୍ପତ୍ତିର ବିବରଣୀ ପ୍ରଦାନ କରିବା ପାଇଁ ଏକ ସପ୍ଲିମେଣ୍ଟାରୀ ଟୁଲ ଭାବରେ କାର୍ଯ୍ୟ କରେ ।

## (ଖ) ଜାତୀୟ ପଞ୍ଚାୟତ ପୋର୍ଟାଲ :

ପ୍ରତ୍ୟେକ ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି, ଜିଲ୍ଲା ପରିଷଦର ନିଜସ୍ୱ ୱେବସାଇଟରେ ତଥ୍ୟ ପ୍ରଦାନ ନିମନ୍ତେ ଜାତୀୟ ପଞ୍ଚାୟତ ପୋର୍ଟାଲର ଆରମ୍ଭ କରାଯାଇଅଛି ।

## (ଗ) NREGA Soft :

ଜାତୀୟ ସୂଚନା କେନ୍ଦ୍ର ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଏହି ସଫ୍ଟୱେରଟି ମହାତ୍ମା ଗାନ୍ଧି ନରେଗା ଯୋଜନା ଆଧାରରେ ସୃଷ୍ଟି କରାଯାଇଛି । ଏହି ଯୋଜନା ଅଧୀନରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଗୁଡିକର ଭୌତିକ ଓ ଆର୍ଥିକ ପ୍ରଗତିକୁ ତଦାରଖ କରିବା ପାଇଁ ତଥା ଜବ କାର୍ଡ ସୃଷ୍ଟି ଏବଂ ପ୍ରକଳ୍ପର ବିସ୍ତୃତ ବିବରଣୀ ପ୍ରଦାନ କରିବା ପାଇଁ ଏହା ଉଦ୍ଦିଷ୍ଟ ।

## (ଘ) AWAS Soft :

ଏହି ସଫ୍ଟୱେର ମାଧ୍ୟମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (PMAY) ଓ ଗ୍ରାମୀଣ ଆବାସ (RH) ଯୋଜନାର ଭୌତିକ ଓ ଆର୍ଥିକ ପ୍ରଗତିକୁ ତଦାରଖ କରାଯାଉଅଛି ।

## (ଙ) PP Grant :

ଏହା ଏକ ୱେବ ଭିତ୍ତିକ ଆପ୍ଲିକେଶନ, ଯାହା ଗ୍ରାମପଞ୍ଚାୟତକୁ ଉକ୍ତ ପଞ୍ଚାୟତରେ ହୋଇଥିବା ସଫଳ କାମ ଗୁଡିକର ବିସ୍ତୃତ ବିବରଣୀ ପ୍ରଦାନ କରିବାରେ ସହଯୋଗ କରିଥାଏ ଓ ଦରକାରୀ ନଥି ଗୁଡିକୁ ଅପଲୋଡ କରିବାର ସୁବିଧା ପ୍ରଦାନ କରିଥାଏ । ଦାଖଲ କରାଯାଇଥିବା ଦରଖାସ୍ତ ଗୁଡିକୁ ବିଭାଗ ଭଲ ଭାବରେ ବିଚାର କରି ସେଥି ମଧ୍ୟରୁ ପ୍ରକୃତ ଦାବିଦାର ପଞ୍ଚାୟତକୁ ଅତିରିକ୍ତ ଅନୁଦାନ ପ୍ରଦାନ କରିପାରିବ ।

## (ଚ) ଏଲ.ଜି.ଡ଼ି (ଲୋକାଲ ଗଭର୍ନମେଣ୍ଟ ଡିରେକ୍ଟୋରି) :

ଏହି ସଫ୍ଟୱେର ରାଜ୍ୟର ବିଭାଗଗୁଡିକୁ ନୂତନ ଭାବେ ଗଠିତ ପଞ୍ଚାୟତ ଓ ସ୍ଥାନୀୟ ଅଞ୍ଚଳ ଗୁଡିକର ପଞ୍ଜୀକରଣ ଓ ପଞ୍ଚାୟତ ପୁନର୍ଗଠନ, ଗ୍ରାମାଞ୍ଚଳକୁ ସହରାଞ୍ଚଳରେ ରୂପାନ୍ତର ସମ୍ବନ୍ଧୀୟ ଡିରେକ୍ଟୋରୀରେ ସଂଶୋଧନ ଏବଂ ତତ୍ ସମ୍ବନ୍ଧୀୟ ସୂଚନାଗୁଡିକୁ ସାଧାରଣ ଡୋମେନରେ ଉପଲବ୍ଧ କରିଥାଏ ।

## (ଛ) ନଳକୂପ ପରିଚାଳନା ଭିତ୍ତିକ ସୂଚନା ବ୍ୟବସ୍ଥା (Tubewell Management Information System) :

ଓଡ଼ିଶାରେ ଥିବା ସମସ୍ତ ନଳକୂପ ଓ ସେସବୁରେ ଥିବା ପାଣିର ମାନକୁ ସଠିକ ଭାବରେ ନିର୍ଦ୍ଧାରଣ ଓ ତଦାରଖ କରିବା ନିମନ୍ତେ ଏହି ସଫ୍ଟୱେର ପ୍ରସ୍ତୁତ କରାଯାଇଛି । ଏହା ମାଧ୍ୟମରେ ରାଜ୍ୟରେ ସମସ୍ତ ନୂତନ ଓ ପୁରୁଣା ନଳକୂପକୁ ଠାବ ଓ ଅନୁଧ୍ୟାନ କରାଯାଇପାରୁଛି ।

## (ଜ) Video Conferencing (VC) ସୁବିଧା :

ରାଜ୍ୟରେ ସମସ୍ତ ୩୧୪ ବ୍ଲକକୁ VC ମାଧ୍ୟମରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସମସ୍ତ ଉନ୍ନତି ମୂଳକ ଯୋଜନା/କାର୍ଯ୍ୟକ୍ରମ ବିଭାଗ ତରଫରୁ ତଦାରଖ କରାଯାଉଅଛି ।

## (ଝ) Dash Board Monitoring System (DBMS) :

ଏହି ସଫ୍ଟୱେର ମାଧ୍ୟମରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ବିଭିନ୍ନ ଯୋଜନା ଗୁଡିକର ସଫଳ ରୂପାୟନ ଓ ଅଗ୍ରଗତି ବିଷୟରେ ଶୀଘ୍ର ଓ ସହଜରେ ଅନୁଧ୍ୟାନ କରାଯାଇଥାଏ ।

# ୬ କୋଭିଡ୍-୧୯ ପରିଚାଳନା

## ● ମାଗଣା ଖାଦ୍ୟ :



କୋଭିଡ-୧୯ କଟକଣା ସମୟରେ କ୍ଷୁଧା ଏବଂ ଅନାହାର ସମସ୍ୟାର ସମାଧାନ ପାଇଁ ୦୫.୦୫.୨୦୨୧ ରୁ ୩୧.୦୭.୨୦୨୧ ପର୍ଯ୍ୟନ୍ତ ସମସ୍ତ ଜିଲ୍ଲାର ଗ୍ରାମାଞ୍ଚଳରେ ପ୍ରବାସୀ ଶ୍ରମିକ, ଅସୁସ୍ଥ, ଦରିଦ୍ର ତଥା ଗରିବ ଲୋକମାନଙ୍କ ପାଇଁ ମାଗଣା ଖାଦ୍ୟ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଥିଲା । ଯେଉଁଥିରେ ଗ୍ରାମ ପଞ୍ଚାୟତଗୁଡିକ ସ୍ୱୟଂ ସହାୟକ ଗୋଷ୍ଠୀ (SHG) ସଦସ୍ୟଙ୍କ ସହାୟତାରେ ୨୫,୦୩,୨୪୬ ସଂଖ୍ୟକ ମିଲ୍ (ଖାଦ୍ୟ) ବଣ୍ଟନ କରଯାଇଥିଲା । ୨୫ଟି ଜିଲ୍ଲାରୁ ରିପୋର୍ଟ ସଂଗ୍ରହ କରି Whatsapp ଏବଂ Email ମାଧ୍ୟମରେ ସମସ୍ୟାର ସମାଧାନ କରି ରାଜ୍ୟ ସ୍ତରରୁ ଦୈନିକ ତଦାରଖ କରାଯାଇଥିଲା ଏବଂ ଏହି ରିପୋର୍ଟ ଗୁଡିକ CMO ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗକୁ ପ୍ରତିଦିନ ସନ୍ଧ୍ୟା ୫ ଘଟିକା ପୂର୍ବରୁ ପ୍ରଦାନ କରାଯାଇଥିଲା । ମାଗଣା ଖାଦ୍ୟ ଖର୍ଚ୍ଚର ପରିଶୋଧ ପାଇଁ ମୋଟ୍ ୧୫,୫୫,୭୪,୦୯୬/- ଟଙ୍କା ସ୍ୱତନ୍ତ୍ର ବିପର୍ଯ୍ୟୟ କମିଶନରଙ୍କ ପାଣ୍ଠିରୁ ୨୫ ଗୋଟି ଜିଲ୍ଲାକୁ ଯୋଗାଇ ଦିଆଯାଇଅଛି । ଏହାର ଜିଲ୍ଲାୱାରୀ ତଥ୍ୟ ପରିଶିଷ୍ଟ 'କ' ରେ ପ୍ରଦାନ କରାଗଲା ।

## ● କ୍ଲଷ୍ଟର ସ୍ତରୀୟ ଅସ୍ଥାୟୀ ମେଡିକାଲ କ୍ୟାମ୍ପ :

କୋଭିଡ-୧୯ ସଂକ୍ରମଣକୁ ରୋକିବା ପାଇଁ ୯୮୯ ସଂଖ୍ୟକ କ୍ଲଷ୍ଟର ସ୍ତରୀୟ ଅସ୍ଥାୟୀ ମେଡିକାଲ କ୍ୟାମ୍ପ ସମଗ୍ର ରାଜ୍ୟରେ ସ୍ଥାପନ କରାଯାଇଥିଲା, ସେଗୁଡିକରେ ମୋଟ୍ ଶଯ୍ୟା ସଂଖ୍ୟା ୪୭,୯୬୬ ଥିଲା । କ୍ଲଷ୍ଟର ସ୍ତରୀୟ ଅସ୍ଥାୟୀ ମେଡିକାଲ କ୍ୟାମ୍ପରେ ତା ୨୪.୪.୨୦୨୧ ରିଖରୁ ୨୪.୦୮.୨୦୨୧ ରିଖ ପର୍ଯ୍ୟନ୍ତ ୩୮,୬୪୬ ଜଣ ପ୍ରବାସୀ ଶ୍ରମିକ ରହିଥିଲେ । ଏହାର ଜିଲ୍ଲାୱାରୀ ତଥ୍ୟ ପରିଶିଷ୍ଟ 'ଖ'ରେ ପ୍ରଦାନ କରାଗଲା । ୩୧୪ ଟି ବ୍ଲକ ଏବଂ ୩୦ ଟି ଜିଲ୍ଲାରୁ ରିପୋର୍ଟ ସଂଗ୍ରହ କରି WhatsApp ଏବଂ Email ମାଧ୍ୟମରେ ସମସ୍ୟାର ସମାଧାନ କରି ରାଜ୍ୟ ସ୍ତରରୁ ଦୈନିକ ତଦାରଖ କରାଯାଇଥିଲା ଏବଂ ଏହି ସବୁ ରିପୋର୍ଟଗୁଡିକୁ CMO ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗକୁ ପ୍ରତିଦିନ ସନ୍ଧ୍ୟା ୫ ଘଟିକା ପୂର୍ବରୁ

ପ୍ରଦାନ କରାଯାଇଥିଲା । ଏହି କ୍ଲଷ୍ଟର ସ୍ତରୀୟ ଅସ୍ଥାୟୀ ମେଡିକାଲ କ୍ୟାମ୍ପ ପରିଚାଳନା ନିମନ୍ତେ ମୋଟ୍ ୩,୦୭,୩୪,୮୪୪/- ଟଙ୍କା ସ୍ୱତନ୍ତ୍ର ବିପର୍ଯ୍ୟୟ କମିଶନରଙ୍କ ପାଣ୍ଠିରୁ ଖାଦ୍ୟ, ବ୍ୟକ୍ତିଗତ ସ୍ୱଚ୍ଛତା କିଟ୍ ଏବଂ ପରିମଳ ପରିଛନ୍ନତା ଏବଂ ନିରାପତ୍ତା ନିମନ୍ତେ କ୍ଲଷ୍ଟର ସ୍ତରୀୟ ଅସ୍ଥାୟୀ ମେଡିକାଲ କ୍ୟାମ୍ପଗୁଡିକର ଅନୁପାତ ଅନୁଯାୟୀ ସମସ୍ତ ଜିଲ୍ଲାକୁ ପ୍ରଦାନ କରାଯାଇଅଛି ।



- **ଅସ୍ଥାୟୀ ମେଡିକାଲ କ୍ୟାମ୍ପ :**

କୋଭିଡ - ୧୯ ସଂକ୍ରମଣକୁ ରୋକିବା ପାଇଁ ୪୯୫ଟି ଅସ୍ଥାୟୀ ମେଡିକାଲ କ୍ୟାମ୍ପ ସମଗ୍ର ରାଜ୍ୟରେ ସ୍ଥାପନ କରାଯାଇଥିଲା । ଅସ୍ଥାୟୀ ମେଡିକାଲ କ୍ୟାମ୍ପ ଗୁଡିକରେ ମୋଟ୍ ୧୫,୩୪୯ ଶଯ୍ୟା ଥିଲା । ଏହା ତା ୨୪.୦୪.୨୦୨୧ ରିଖ ରୁ ତା ୨୪.୦୮.୨୦୨୧ ରିଖ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିଲା ।

- **ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା :**

ଓଡ଼ିଶା ଏହି ବର୍ଷରେ ୟାସ, ଗୁଲାବ ଓ ଅତ୍ୟଧିକ ବର୍ଷା ଓ ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିଲା । ଏହାର ପରିଚାଳନା ଓ ପୁନରୁଦ୍ଧାର ନିମନ୍ତେ କ୍ଷତିଗ୍ରସ୍ତ ଜିଲ୍ଲାଗୁଡିକୁ ବାତ୍ୟା ୟାସ ପାଇଁ ମୋଟ୍ ୨୨୯,୩୬,୨୨,୦୦୦/- ଟଙ୍କା ଯୋଗାଇ ଦିଆଯାଇଛି । ଏହାର ସବିଶେଷ ତଥ୍ୟ ପରିଶିଷ୍ଟ 'ଗ' ରେ ପ୍ରଦାନ କରାଗଲା । ଅତ୍ୟଧିକ ବର୍ଷା ଓ ବନ୍ୟା ଏବଂ ବାତ୍ୟା ଗୁଲାବ ପାଇଁ କ୍ଷତିଗ୍ରସ୍ତ ଜିଲ୍ଲାଗୁଡିକୁ ଯଥାକ୍ରମେ ୫୭,୨୨,୪୯,୫୦୦/- ଟଙ୍କା ଓ ୧୩,୦୮,୨୯,୦୦୦/- ଟଙ୍କା ଯୋଗାଇଦେବା ପାଇଁ ଅନୁମୋଦନ ହୋଇଛି । ଏହାର ସବିଶେଷ ତଥ୍ୟ ପରିଶିଷ୍ଟ 'ଘ' ଓ 'ଙ' ରେ ପ୍ରଦାନ କରାଗଲା ।

ପରିଶିଷ୍ଟ : କ

| FREE COOKED FOOD DISTRIBUTION STATUS IN RURAL AREA | | | | | | | | | | |
|---|---|---|---|---|---|---|---|---|---|---|
| Date of Reporting :- 24.08.2021 | | | | | | | | | Time:-5.30 PM | |
| SL. No | Name of the District | Total No. of Blocks | Total No. of GPs | No. of GPs where Free Food distributed | No of persons in GPs distributed with free cooked food today | | Cumulative no of persons availed free cooked food so far in GPs | | | |
| | | | | | Adult | Child | Adult | Child | Total | No. of SHGs Involved |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| 1 | Angul | 8 | 225 | | | | | | | |
| 2 | Balangir | 14 | 317 | 0 | 0 | 0 | 310110 | 22399 | 332509 | 0 |
| 3 | Balasore | 12 | 360 | 0 | 0 | 0 | 44593 | 3751 | 48344 | 0 |
| 4 | Bargarh | 12 | 253 | 0 | 0 | 0 | 10069 | 1470 | 11539 | 0 |
| 5 | Bhadrak | 7 | 218 | 0 | 0 | 0 | 164287 | 10823 | 175110 | 0 |
| 6 | Boudh | 3 | 69 | 0 | 0 | 0 | 19218 | 1156 | 20374 | 0 |
| 7 | Cuttack | 14 | 373 | 0 | 0 | 0 | 8742 | 2387 | 11129 | 0 |
| 8 | Deogarh | 3 | 70 | 0 | 0 | 0 | 0 | 0 | 0 | 0 |
| 9 | Dhenkanal | 8 | 212 | 0 | 0 | 0 | 1740 | 168 | 1908 | 0 |

| FREE COOKED FOOD DISTRIBUTION STATUS IN RURAL AREA | | | | | | | | | | |
|---|---|---|---|---|---|---|---|---|---|---|
| Date of Reporting :- 24.08.2021 | | | | | | | | | Time:-5.30 PM | |
| SL. No | Name of the District | Total No. of Blocks | Total No. of GPs | No. of GPs where Free Food distributed | No of persons in GPs distributed with free cooked food today | | Cumulative no of persons availed free cooked food so far in GPs | | | |
| | | | | | Adult | Child | Adult | Child | Total | No. of SHGs Involved |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| 10 | Gajapati | 7 | 149 | 0 | 0 | 0 | 89950 | 1862 | 91812 | 0 |
| 11 | Ganjam | 22 | 503 | 0 | 0 | 0 | 9651 | 777 | 10428 | 0 |
| 12 | Jagatsingh-pur | 8 | 198 | 0 | 0 | 0 | 8693 | 248 | 8941 | 0 |
| 13 | Jajpur | 10 | 311 | 0 | 0 | 0 | 4533 | 481 | 5014 | 0 |
| 14 | Jharsuguda | 5 | 78 | 0 | 0 | 0 | 25720 | 1471 | 27191 | 0 |
| 15 | Kalahandi | 13 | 310 | 0 | 0 | 0 | 91555 | 8514 | 100069 | 0 |
| 16 | Kandhamal | 12 | 171 | 0 | 0 | 0 | 44404 | 1334 | 45738 | 0 |
| 17 | Kendrapara | 9 | 249 | | | | | | | |
| 18 | Keonjhar | 13 | 297 | | | | | | | |
| 19 | Khurda | 10 | 190 | 0 | 0 | 0 | 3276 | 30 | 3306 | 0 |
| 20 | Koraput | 14 | 240 | | | | | | | |

| FREE COOKED FOOD DISTRIBUTION STATUS IN RURAL AREA | | | | | | | | | | |
|---|---|---|---|---|---|---|---|---|---|---|
| Date of Reporting :- 24.08.2021 | | | | | | | | | Time:-5.30 PM | |
| SL. No | Name of the District | Total No. of Blocks | Total No. of GPs | No. of GPs where Free Food distributed | No of persons in GPs distributed with free cooked food today | | Cumulative no of persons availed free cooked food so far in GPs | | | |
| | | | | | Adult | Child | Adult | Child | Total | No. of SHGs Involved |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| 21 | Malkangiri | 7 | 111 | 0 | 0 | 0 | 20542 | 1374 | 21916 | 0 |
| 22 | Mayurbhanj | 26 | 404 | 0 | 0 | 0 | 19856 | 3117 | 22973 | 0 |
| 23 | Nawarangpur | 10 | 189 | 0 | 0 | 0 | 826304 | 24770 | 851074 | 0 |
| 24 | Nayagarh | 8 | 194 | 0 | 0 | 0 | 5663 | 422 | 6085 | 0 |
| 25 | Nuapada | 5 | 131 | 0 | 0 | 0 | 12141 | 897 | 13038 | 0 |
| 26 | Puri | 11 | 268 | 0 | 0 | 0 | 10736 | 1152 | 11888 | 0 |
| 27 | Rayagada | 11 | 182 | 0 | 0 | 0 | 106793 | 984 | 107777 | 0 |
| 28 | Sambalpur | 9 | 138 | 0 | 0 | 0 | 112232 | 3408 | 115640 | 0 |
| 29 | Subarnapur | 6 | 109 | 0 | 0 | 0 | 246728 | 8274 | 255002 | 0 |
| 30 | Sundargarh | 17 | 279 | 0 | 0 | 0 | 190601 | 13840 | 204441 | 0 |
| **Grand Total** | | **314** | **6798** | **0** | **0** | **0** | **2E+06** | **115109** | **2503246** | **0** |

| Daily Occupancy Report in Cluster Level TMC as on Dtd.24.08.2021<br>Time: 5.30 PM | | | | | | | | |
|---|---|---|---|---|---|---|---|---|
| Sl. No. | Name of the District | Total No. of GPs | Total No. of Cluster Level TMCs completed | Total No. of Beds | No. of Cluster Level TMC having occupancy | No. of people staying today | Total No. of people already discharged | Total ( G + H ) |
| A | B | C | D | E | F | G | H | I |
| 1 | ANGUL | 225 | 18 | 730 | 0 | 0 | 58 | 58 |
| 2 | BALANGIR | 317 | 65 | 5950 | 0 | 0 | 17266 | 17266 |
| 3 | BALASORE | 360 | 54 | 2815 | 0 | 0 | 1642 | 1642 |
| 4 | BARGARH | 253 | 32 | 1158 | 0 | 0 | 506 | 506 |
| 5 | BHADRAK | 218 | 39 | 2425 | 0 | 0 | 2405 | 2405 |
| 6 | BOUDH | 69 | 17 | 745 | 0 | 0 | 18 | 18 |
| 7 | CUTTACK | 373 | 30 | 1200 | 3 | 8 | 1002 | 1010 |
| 8 | DEOGARH | 70 | 11 | 389 | 0 | 0 | 25 | 25 |
| 9 | DHENKANAL | 212 | 16 | 650 | 0 | 0 | 80 | 80 |
| 10 | GAJAPATI | 149 | 17 | 990 | 0 | 0 | 211 | 211 |
| 11 | GANJAM | 503 | 40 | 2920 | 0 | 0 | 86 | 86 |
| 12 | JAGATSINGHPUR | 198 | 28 | 1155 | 0 | 0 | 166 | 166 |
| 13 | JAJPUR | 311 | 27 | 1030 | 0 | 0 | 902 | 902 |
| 14 | JHARSUGUDA | 78 | 7 | 100 | 0 | 0 | 3 | 3 |
| 15 | KALAHANDI | 310 | 49 | 2522 | 0 | 0 | 3575 | 3575 |
| 16 | KANDHAMAL | 171 | 52 | 3128 | 0 | 0 | 1385 | 1385 |
| 17 | KENDRAPARA | 249 | 17 | 737 | 0 | 0 | 31 | 31 |
| 18 | KEONJHAR | 297 | 60 | 2590 | 0 | 0 | 58 | 58 |
| 19 | KHURDA | 190 | 23 | 750 | 0 | 0 | 217 | 217 |
| 20 | KORAPUT | 240 | 34 | 1011 | 0 | 0 | 704 | 704 |
| 21 | MALKANGIRI | 111 | 61 | 3152 | 0 | 0 | 1244 | 1244 |
| 22 | MAYURBHANJ | 404 | 52 | 1985 | 0 | 0 | 609 | 609 |
| 23 | NAWARANGPUR | 189 | 40 | 2258 | 0 | 0 | 3424 | 3424 |
| 24 | NAYAGARH | 194 | 10 | 270 | 0 | 0 | 60 | 60 |
| 25 | NUAPADA | 131 | 5 | 250 | 0 | 0 | 1103 | 1103 |
| 26 | PURI | 268 | 67 | 1644 | 0 | 0 | 477 | 477 |
| 27 | RAYAGADA | 182 | 32 | 2580 | 0 | 0 | 477 | 477 |
| 28 | SAMBALPUR | 138 | 19 | 573 | 0 | 0 | 87 | 87 |
| 29 | SONEPUR | 109 | 14 | 380 | 0 | 0 | 84 | 84 |
| 30 | SUNDERGARH | 279 | 53 | 1879 | 0 | 0 | 733 | 733 |
| **GRAND TOTAL** | | **6798** | **989** | **47966** | **3** | **8** | **38638** | **38646** |

ପରିଶିଷ୍ଟ : ଗ

| YAAS (in Lakh Rupees) | | | | | | | | | | | |
|---|---|---|---|---|---|---|---|---|---|---|---|
| Sl. No. | Name of Districts | Primary School Buildings | | AWC | | GP Building/ Community Hall | | GP/ PS Roads | | Emergent Water Supply | Total |
| | | No. of Projects | Amounts Released | No. of Projects | Amounts Released | No. of Projects | Amounts Released | No. of Projects | Amounts Released | Amounts Released | |
| | BALASORE | 522 | 885.45 | 33 | 46.10 | 146 | 239.50 | 3576 | 6191.165 | | 7362.215 |
| | BHADRAK | 437 | 844.04 | 311 | 502.80 | 319 | 490.00 | 3027 | 5905.000 | | 7741.840 |
| | DHENKANAL | 31 | 52.50 | | | | | | | | 52.500 |
| | JAJPUR | 353 | 537.00 | 169 | 304.80 | 105 | 197.50 | 839 | 2042.000 | | 3081.300 |
| | KENDRAPADA | 533 | 879.54 | 173 | 263.24 | | | 870 | 1173.135 | | 2315.915 |
| | KEONJHAR | 80 | 159.00 | 51 | 102.00 | 20 | 40.00 | 376 | 423.530 | | 724.530 |
| | MAYURBHANJ | 187 | 226.08 | 148 | 105.89 | 18 | 33.05 | 267 | 412.390 | | 777.410 |
| | EIC, RWSS | | | | | | | | | 880.51 | 880.51 |
| **Grand Total** | | **2143** | **3583.61** | **885** | **1324.83** | **608** | **1000.05** | **8955** | **16147.220** | **880.51** | **22936.220** |

| Fund allotment under repair/ restoration of Primary School Building, GP Buildings/ Community Halls, AWCs and GP/ PS Roads of the under mentioned districts (Rupees in lakh) | | | | | | | | | | | | |
|---|---|---|---|---|---|---|---|---|---|---|---|---|
| Sl. No. | Name of the District | Primary School Building | | GP Buildings/ Community Halls | | AWCs | | GP/ PS Roads | | | Total | |
| | | No. of Projects | Amounts | No. of Projects | Amounts | No. of Projects | Amounts | No. of Projects | Length in Km. | Amounts | No. of Projects | Amounts |
| 1 | BALASORE | 0 | 0.00 | 0 | 0.00 | 0 | 0.00 | 777 | 808.38 | 1153.32 | **777** | **1153.320** |
| 2 | BOUDH | 20 | 11.40 | 0 | 0.00 | 23 | 28.55 | 436 | 55.02 | 82.520 | **479** | **122.470** |
| 3 | CUTTACK | 21 | 42.00 | 2 | 2.50 | 0 | 0.00 | 132 | 164.52 | 234.38 | **155** | **278.880** |
| 4 | DHENKANAL | 10 | 18.50 | 0 | 0.00 | 6 | 11.00 | 38 | 56.00 | 84.00 | **54** | **113.500** |
| 5 | JAGATS-INGHPUR | 0 | 0.00 | 0 | 0.00 | 0 | 0.00 | 1109 | 826.50 | 1239.75 | **1109** | **1239.750** |
| 6 | Jajpur | 126 | 235.50 | 134 | 200.00 | 63 | 86.50 | 880 | 1245.67 | 1868.50 | **1203** | **2390.500** |
| 7 | KANDHAMAL | 3 | 6.00 | 0 | 0.00 | 0 | 0.00 | 45 | 97.00 | 84.70 | **48** | **90.700** |
| 8 | KENDRA-PARA | 46 | 43.35 | 0 | 0.00 | 16 | 13.50 | 157 | 95.41 | 136.90 | **219** | **193.750** |
| 9 | MAYURB-HANJ | 5 | 4.00 | 3 | 6.00 | 4 | 6.80 | 76 | 30.35 | 45.525 | **88** | **62.325** |
| 10 | NAYAGARH | 1 | 2.00 | 1 | 2.00 | 32 | 64.00 | 37 | 6.20 | 9.30 | **71** | **77.300** |
| **Grand Total** | | **232** | **362.75** | **140** | **210.5** | **144** | **210.35** | **3687** | **3385.1** | **4938.9** | **4203** | **5722.495** |

**ପରିଶିଷ୍ଟ : ୬**

| Sl. No | Name of the District | Primary School Building | | GP Buildings/ Community Halls | | AWCs | | GP/ PS Roads | | | Total | |
|---|---|---|---|---|---|---|---|---|---|---|---|---|
| | | No. of Projects | Amounts in lakh | No. of Projects | Amounts in lakh | No. of Projects | Amounts in lakh | No. of Projects | Length in Km. | Amounts in lakh | No. of Projects | Amounts in lakh |
| 1 | GAJAPATI | 0 | 0.00 | 0 | 0.00 | 0 | 0.00 | 134 | 186.63 | 279.95 | 134 | 279.95 |
| 2 | KORAPUT | 46 | 92.00 | 3 | 6.00 | 36 | 72.00 | 42 | 24.10 | 36.15 | 127 | 206.15 |
| 3 | MALKANGIRI | 130 | 199.80 | 21 | 41.30 | 97 | 143.80 | 291 | 287.40 | 436.39 | 539 | 821.29 |
| 4 | RAYAGADA | 0 | 0.00 | 0 | 0.00 | 0 | 0.00 | 1 | 0.90 | 0.90 | 1 | 0.90 |
| **Grand Total** | | **176** | **291.8** | **24** | **47.3** | **133** | **215.8** | **468** | **499** | **753.4** | **801** | **1308.29** |

# ୭ ଅନ୍ୟାନ୍ୟ କାର୍ଯ୍ୟକଳାପ

## (କ) ସାମାଜିକ, ଅର୍ଥନୈତିକ ଏବଂ ଜାତିଗତ ଜନଗଣନା

୨୦୧୧ ମସିହା ଜୁନ ମାସରେ ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ, ପରିବାରର ସାମାଜିକ ଓ ଅର୍ଥନୈତିକ ତଥ୍ୟ ପାଇବା ପାଇଁ ସାମାଜିକ, ଅର୍ଥନୈତିକ ଏବଂ ଜାତିଗତ ଜନଗଣନା-୨୦୧୧ କାର୍ଯ୍ୟ ଆରମ୍ଭ କରିଥିଲେ । ଏହା ତିନୋଟି ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଧାରିତ :

୧. ପରିବାରର ସାମାଜିକ ଓ ଅର୍ଥନୈତିକ ଅବସ୍ଥା ସ୍ଥିର କରିବା ।

୨. ଜାତି ଅନୁଯାୟୀ ଜନଗଣନା କରିବା ।

୩. ବିଭିନ୍ନ ଜାତି ଓ ବର୍ଗର ଲୋକଙ୍କ ଶିକ୍ଷା ଉପରେ ସାମାଜିକ ଓ ଅର୍ଥନୈତିକ ଅବସ୍ଥାର ପ୍ରକୃତ ପ୍ରଭାବ ସମ୍ବନ୍ଧରେ ଜାଣିବା ।

ଏହାକୁ ଆଧାର କରି ଭାରତ ସରକାର ୨୦୧୧ ମସିହାରେ ସାମାଜିକ, ଅର୍ଥନୈତିକ ଏବଂ ଜାତିଗତ ଜନଗଣନା - ୨୦୧୧ କରିବାକୁ ନିଷ୍ପତ୍ତି ନେଇଥିଲେ । ତଦନୁସାରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଗଣନା କାର୍ଯ୍ୟ ସମାପ୍ତ ହୋଇ ଅନ୍ତିମ ଚରଣ କାର୍ଯ୍ୟ ଅନୁସାରେ ସମସ୍ତ ପରିବାରର ସମ୍ପୂର୍ଣ୍ଣ ତାଲିକାକୁ ଗ୍ରାମ ପଞ୍ଚାୟତ ସ୍ତରରେ ବିତରଣ କରାଯାଇ ଆପତ୍ତି ଅଭିଯୋଗ ଶୁଣାଣି ଶେଷ କରି ଏହାର ସମ୍ପୂର୍ଣ୍ଣ ତଥ୍ୟ ପ୍ରକାଶନ କରିଛନ୍ତି । ଉକ୍ତ ଗଣନା ଅନୁସାରେ ଭାରତ ସରକାରଙ୍କର ୱେବସାଇଟ www.secc.gov ରେ ଥିବା ତଥ୍ୟ ଅନୁଯାୟୀ ନିମ୍ନଲିଖିତ ସୂଚନା ପ୍ରଦାନ କରାଗଲା ।

## (କ) ଏସ୍ଇସିସି - ୨୦୧୧ର ପରିବାର ସଂଖ୍ୟା :

| କ୍ର.ସଂ | ମାନଦଣ୍ଡ | ଚୂଡାନ୍ତ ସଂଖ୍ୟା | % |
|---|---|---|---|
| ୧ | ମୋଟ ଗ୍ରାମାଞ୍ଚଳ ପରିବାର ସଂଖ୍ୟା | ୮୬,୭୭,୬୧୫ | |
| ୨ | ସ୍ୱତଃ ବାଦ୍‌ପଡିଥିବା ମୋଟ ଗ୍ରାମାଞ୍ଚଳ ପରିବାର ସଂଖ୍ୟା | ୧୬,୨୮,୪୦୦ | ୧୮.୭୭ |
| ୩ | ନିଶ୍ଚିତ ଅନ୍ତର୍ଭୁକ୍ତ ହେବାକୁ ଥିବା ମୋଟ ଗ୍ରାମାଞ୍ଚଳ ପରିବାର ସଂଖ୍ୟା | ୧,୧୯,୭୭୨ | ୧.୩୮ |

## (ଖ) ଏସ୍ଇସିସି - ୨୦୧୧ର ବାଧ୍ୟତାମୂଳକ ସାମିଲ ପରିବାର ସଂଖ୍ୟା :

| କ୍ର.ନଂ. | ମାନଦଣ୍ଡ | ଚୂଡାନ୍ତ ସଂଖ୍ୟା | % |
|---|---|---|---|
| ୧ | ଆଶ୍ରୟସ୍ଥଳ ନଥିବା ପରିବାର ସଂଖ୍ୟା | ୫,୩୦୮ | ୦.୦୬ |
| ୨ | ଭିକ୍ଷା ମାଗୁଥିବା ବେସାହାରା ପରିବାର ସଂଖ୍ୟା | ୪୯,୨୭୩ | ୦.୫୭ |
| ୩ | ଝାଡୁଦାର ପରିବାର ସଂଖ୍ୟା | ୫୨୪ | ୦.୦୧ |
| ୪ | ଆଦିମ ଜନଜାତି ସମୂହ | ୫୯,୪୦୦ | ୦.୬୮ |
| ୫ | ଆଇନତଃ ଖଲାସ ହୋଇଥିବା ଗୋତି ଶ୍ରମିକ | ୬,୭୬୯ | ୦.୦୮ |

## (ଖ) ଏସ୍ଇସିସି - ୨୦୧୧ ବଞ୍ଚିତ ମାନଦଣ୍ଡ ପରିବାର ସଂଖ୍ୟା

| | ମାନଦଣ୍ଡ | ଚୂଡାନ୍ତ ସଂଖ୍ୟା | % |
|---|---|---|---|
| ୧ | ମାଟିକାନ୍ଥ ଚାଳଛପର, ଗୋଟିଏ କୋଠରୀ ଥିବା ପରିବାର ସଂଖ୍ୟା | ୨୩,୬୪,୧୬୯ | ୨୭.୨୪ |
| ୨ | ୧୬ ରୁ ୫୯ ବର୍ଷ ବୟସ୍କ ସଦସ୍ୟ ନଥିବା ପରିବାର ସଂଖ୍ୟା | ୪,୨୪,୧୬୧ | ୪.୯୦ |
| ୩ | ୧୬ରୁ ୫୯ ବର୍ଷ ବୟସ୍କ ପୁରୁଷ ସଦସ୍ୟ ନଥିବା ଓ ମହିଳା ମୁଖ୍ୟଙ୍କ ଦ୍ୱାରା ପରିଚାଳିତ ପରିବାର ସଂଖ୍ୟା | ୪,୫୮,୫୦୫ | ୫.୨୮ |
| ୪ | କାର୍ଯ୍ୟପାଇଁ ସକ୍ଷମ ନ ଥିବା କୌଣସି ବୟସ୍କ ସଦସ୍ୟ ଓ କୌଣସି ଭିନ୍ନକ୍ଷମ ସଦସ୍ୟ ଥିବା ପରିବାର | ୫୧,୧୪୮ | ୦.୫୯ |
| ୫ | ଅନୁସୂଚୀତ ଜାତି ଓ ଜନଜାତି ପରିବାର | ୩୨,୦୬,୧୪୧ | ୩୬.୯୫ |
| ୬ | ୨୫ ବର୍ଷରୁ ଉର୍ଦ୍ଧ୍ୱ କୌଣସି ସାକ୍ଷର ନ ଥିବା ପରିବାର | ୨୪,୧୨,୨୨୧ | ୨୭.୮୦ |
| ୭ | ସାଧାରଣତଃ ଦିନ ମଜୁରିଆ ଭାବେ କାମ କରି ଆୟ କରୁଥିବା ଜମିହୀନ ପରିବାର | ୩୧,୩୧,୯୩୨ | ୩୬.୦୯ |

# ମିଶନ ଅନ୍ତ୍ୟୋଦୟ

ଗ୍ରାମୀଣ ଅଞ୍ଚଳରେ ଲୋକମାନଙ୍କର ଜୀବନ ଓ ଜୀବିକାରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ମିଶନ ଅନ୍ତ୍ୟୋଦୟ ଉତ୍ତରଦାୟୀ ଓ ଏକାଭିମୁଖିକରଣ ପାଇଁ ଏହି ପ୍ରୟାସ । ଏହି ସକାରାତ୍ମକ ପରିବର୍ତ୍ତନ ଫଳାଫଳକୁ ମାପିବା ପାଇଁ ଏଥିରେ ବ୍ୟବସ୍ଥା ରହିଛି ।

## ଲକ୍ଷ୍ୟ :

୧. ଦାରିଦ୍ର୍ୟର ବିଭିନ୍ନ ଦିଗକୁ ସମାଧାନ କରିବା ।

୨. ସମସ୍ତ କାର୍ଯ୍ୟକ୍ରମର ଏକାଭିମୁଖିକରଣ ।

୩. ଗୋଷ୍ଠୀ ସଂଗଠନ ଏବଂ ଗ୍ରାମୀଣ ବିକାଶ କର୍ମୀମାନଙ୍କ ମଧ୍ୟରେ ଭାଗୀଦାରିତା ।

## ଫଳାଫଳ :

୧. ଆର୍ଥିକ ସୁଯୋଗଗୁଡ଼ିକୁ ବଢ଼ାଇବା ।

୨. ସାମାଜିକ ପୁଞ୍ଜିଗଠନ କରିବା ।

୩. ଗଣତାନ୍ତ୍ରିକ ପଦ୍ଧତିକୁ ସଶକ୍ତ କରିବା ।

୪. ଦୀର୍ଘସ୍ଥାୟୀ ବିକାଶ ହାସଲରେ ସହାୟତା କରିବା ।

## ଗ୍ରାମ ପଞ୍ଚାୟତଗୁଡ଼ିକୁ ଚୟନ କରିବା ନିମନ୍ତେ ମାନଦଣ୍ଡ

୧. ଖୋଲାରେ ମଳତ୍ୟାଗରୁ ମୁକ୍ତ ଗ୍ରାମ ପଞ୍ଚାୟତ ।

୨. ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା-ଜାତୀୟ ଗ୍ରାମୀଣ ଜୀବିକା ମିଶନ ଗ୍ରାମ ପଞ୍ଚାୟତ ।

୩. ସାଂସଦ ଆଦର୍ଶ ଗ୍ରାମ ଯୋଜନା ଗ୍ରାମ ପଞ୍ଚାୟତ ।

୪. ରୁର୍ବାନ କ୍ଲଷ୍ଟର ଗ୍ରାମ ପଞ୍ଚାୟତ ।

୫. ଟାଟା ଟ୍ରଷ୍ଟ ଦ୍ୱାରା ଭଲନରେବଲ ମାପିଂ କରାଯାଇଥିବା ଗ୍ରାମ ପଞ୍ଚାୟତ ।

୬. ଟାଟା ଟ୍ରଷ୍ଟ ଆଦର୍ଶ ଗ୍ରାମ ପଞ୍ଚାୟତ ।

୭.	ବ୍ୟକ୍ତି ବିକାଶ (ଆର୍ଟ ଅଫ ଲିଭିଂ) କେନ୍ଦ୍ର ।

## କାର୍ଯ୍ୟ ସମ୍ପାଦନ ପରିମାପକ :

୧.	ଭିତ୍ତିଭୂମି ଏବଂ ସହଜରେ ଉପଲବ୍ଧ ବିଭିନ୍ନ ସେବା ।

୨.	ସାମାଜିକ ବିକାଶ ଏବଂ ସୁରକ୍ଷା ।

୩.	ଅର୍ଥନୈତିକ ବିକାଶ ଏବଂ ଜୀବିକାର ବିବିଧିକରଣ ।

୪.	ମିଶନ ଅନ୍ତ୍ୟୋଦୟର ପ୍ରାଥମିକ ପର୍ଯ୍ୟାୟରେ ୧୪୩୯ ଟି ଗ୍ରାମ ପଞ୍ଚାୟତକୁ ଚୟନ କରି ଉପରୋକ୍ତ ପରିମାପକ ଆଧାରରେ ଏକ ବେସଲାଇନ ସର୍ଭେ କରାଯାଇଥିଲା

୫.	ଚଳିତ ଆର୍ଥିକ ବର୍ଷ ୨୦୨୧-୨୨ ରେ ମିଶନ, ଅନ୍ତ୍ୟୋଦୟ ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୋଟ ୬୮୦୬ ଗ୍ରାମପଞ୍ଚାୟତ ମଧ୍ୟରୁ ୬୭୮୧ ଗ୍ରାମ ପଞ୍ଚାୟତ ସର୍ବେକ୍ଷଣ କରାଯାଇଅଛି । ଏହି ମୋବାଇଲ ଆପ୍ଲିକେଶନରେ ଆଣ୍ଡ୍ରଏଡ ସଫ୍ଟୱେର ବ୍ୟବହାର କରି ଗ୍ରାମପଞ୍ଚାୟତ ସ୍ତରର ବ୍ୟବହାରକାରୀ ମଧ୍ୟ କାର୍ଯ୍ୟ କରୁଅଛନ୍ତି । ସର୍ବେକ୍ଷଣ କରାଯାଇଥିବା ୬୭୮୧ ଗ୍ରାମପଞ୍ଚାୟତ ମଧ୍ୟରୁ ୬୭୮୦ ଗ୍ରାମପଞ୍ଚାୟତର ତଥ୍ୟ ପରୀକ୍ଷଣ ସମ୍ପୂର୍ଣ୍ଣ ହୋଇଅଛି । ତନ୍ମଧ୍ୟରୁ ୬୭୭୮ ଗ୍ରାମପଞ୍ଚାୟତର ତଥ୍ୟ ବ୍ଲକ ଉନ୍ନୟନ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ କରାଯାଇଅଛି । ୮୮୧ ଗ୍ରାମପଞ୍ଚାୟତରେ ଜିଓ ରେଫେରେନ୍ସିଂ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି ।

୬.	ବେସ ଲାଇନ ସର୍ଭେ କାର୍ଯ୍ୟ କରିବା ପାଇଁ ରାଜ୍ୟ, ଜିଲ୍ଲା ତଥା ବ୍ଲକସ୍ତରର ବ୍ୟବହାରକାରୀମାନେ ତଦାରଖକାରୀ ୟୁନିଟ୍ ଭାବେ କାର୍ଯ୍ୟ କରିଥାନ୍ତି ।

୭.	ଅପଲୋଡ କରାଯାଇଥିବା ତଥ୍ୟଗୁଡିକୁ ସମ୍ପୃକ୍ତ ବି.ଡି.ଓ. ମାନେ ଯାଞ୍ଚ କରିବେ ।

# ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ

ମିଳିତ ଜାତିସଂଘ ଦ୍ୱାରା ସ୍ଥିର କରାଯାଇଥିବା ୧୭ଟି ଆନ୍ତର୍ଜାତୀକ ଲକ୍ଷ୍ୟର ସମାହାରକୁ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ କୁହାଯାଉଅଛି । ପ୍ରତ୍ୟେକଟି ଲକ୍ଷ୍ୟ ହାସଲ ପାଇଁ ଭିନ୍ନ ଭିନ୍ନ ସୂଚକ ନିର୍ଦ୍ଧାରଣ କରାଯାଇଥିଲେ ମଧ୍ୟ ସମସ୍ତ ଲକ୍ଷ୍ୟ ଗୁଡିକ ପରସ୍ପର ସହିତ ଜଡ଼ିତ । ଏହି ୧୭ଟି ଲକ୍ଷ୍ୟ ହାସଲ ନିମନ୍ତେ ୧୬୯ ଟି ସୂଚକ ସ୍ଥିର କରାଯାଇଅଛି । ସାମାଜିକ ଓ ଅର୍ଥନୈତିକ ବିକାଶ ସହିତ ଜଡ଼ିତ ଅନେକଗୁଡିଏ ସମସ୍ୟାର ସମାଧାନ ନିମନ୍ତେ ଏହା ଏକ ପ୍ରୟାସ । ସେଗୁଡିକ ହେଉଛି ଦାରିଦ୍ର୍ୟତା, କ୍ଷୁଧା, ସ୍ୱାସ୍ଥ୍ୟ, ଶିକ୍ଷା, ଜଳବାୟୁ ପରିବର୍ତ୍ତନ, ଲିଙ୍ଗଗତ ସମାନତା, ସ୍ୱଚ୍ଛ ଜଳ, ପରିମଳ, ଶକ୍ତି, ପରିବେଶ ଓ ନ୍ୟାୟ । ୨୦୧୫ ମସିହାରେ ସହସ୍ରାବ୍ଦୀ ବିକାଶ ଲକ୍ଷ୍ୟରେ ସମସ୍ତ ଅବଧି ସମାପ୍ତି ପରେ ଏଥିରେ ପରିବର୍ତ୍ତନ ଅଣାଯାଇ ଉପରୋକ୍ତ ଲକ୍ଷ୍ୟ ସବୁ ବିକଶିତ କରାଯାଇଥିଲା ।

## କିପରି ମିଳିତ ଜାତିସଂଘ ନିଷ୍ପତ୍ତି ନେଲେ :

୧. ୨ ବର୍ଷର ସମୟ ସୀମା ମଧ୍ୟରେ ମିଳିତ ଜାତିସଂଘରେ କଥାବାର୍ତ୍ତା ମାଧ୍ୟମରେ

୨. ସେପ୍ଟେମ୍ବର ୨୫, ୨୦୧୫ରେ ୧୯୩ ଟି ଦେଶର ସ୍ୱୀକୃତି

୩. ୨୦୧୬ ଜାନୁୟାରୀ ୧ ତାରିଖରେ ବିଧିବଦ୍ଧଭାବେ କାର୍ଯ୍ୟକାରୀ ହେଲା

୪. ୨୦୩୦ ମସିହା ସୁଦ୍ଧା ବିଶ୍ୱର ଭବିଷ୍ୟତ ପାଇଁ ୧୭ଟି ଲକ୍ଷ୍ୟ ନିର୍ଦ୍ଧାରିତ

୫. ଆସନ୍ତା ୧୫ ବର୍ଷ ମଧ୍ୟରେ ପ୍ରତ୍ୟେକ ଲକ୍ଷ୍ୟର ସୂଚକଗୁଡିକୁ ହାସଲ କରିବା

୬. ଲକ୍ଷ୍ୟ ଗୁଡିକୁ ହାସଲ କରିବା ନିମନ୍ତେ ୧୬୯ ଟି ସୂଚକ ନିର୍ଦ୍ଧାରିତ



## ଉଦ୍ଦେଶ୍ୟ, ମୁଖବନ୍ଧ ଓ ଲକ୍ଷ୍ୟ :

**ଉଦ୍ଦେଶ୍ୟ :** ସହସ୍ରାବ୍ଦୀ ବିକାଶ ଲକ୍ଷ୍ୟର ସଫଳତା ଭିତ୍ତିରେ ପ୍ରସ୍ତୁତ କରାଯାଇଥିବା ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ସମୂହର ଉଦ୍ଦେଶ୍ୟ ହେଉଛି ବିଶ୍ୱକୁ ସମ୍ପୂର୍ଣ୍ଣ ଭାବେ ସମସ୍ତ ପ୍ରକାର ଦାରିଦ୍ର୍ୟରୁ ମୁକ୍ତ କରିବା ।

### ମୁଖବନ୍ଧ : ୫ ଟି 'ପି'

୧. ଜନସାଧାରଣ (People)
୨. ଗ୍ରହ (Planet)
୩. ସମୃଦ୍ଧି (Prosperiity)
୪. ଶାନ୍ତି (Peace)
୫. ସହଭାଗୀତା (Partnership)

### ଦୀର୍ଘକାଳୀନ ଲକ୍ଷ୍ୟ :

କେହି ଜଣେବି ଯେପରି ପଛରେ ରହି ନ ଯାଆନ୍ତି, ତାହା ନିଶ୍ଚିତ କରି ଦାରିଦ୍ର୍ୟର ମୂଳୋତ୍ପାଟନ, ଅସମାନତା ବିରୋଧରେ ଲଢ଼େଇ ଓ ଜଳବାୟୁ ପରିବର୍ତ୍ତନର ମୁକାବିଲା ନିମନ୍ତେ ପ୍ରଚେଷ୍ଟାକୁ ଗତିଶୀଳ କରିବାକୁ ସବୁ ଦେଶ ଉପରେ ଏହା ଲାଗୁ ହୋଇଛି ।

## ଓଡ଼ିଶାର ଲକ୍ଷ୍ୟ ୨୦୩୬ : ବର୍ତ୍ତମାନ ସୁଦ୍ଧା ପ୍ରଗତି :

୧. ଯୋଜନା ଓ ଏକାଭିମୁଖିକରଣ ବିଭାଗକୁ ନୋଡାଲ ବିଭାଗ ଭାବେ ଘୋଷଣା କରାଯାଇ ଅଛି ।
୨. ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବମାନେ ସଦସ୍ୟ ଥିବା ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ କରାଯାଇଅଛି ।
୩. ବିଭାଗଗୁଡିକରେ ଥିବା ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ସେଲ କାର୍ଯ୍ୟାନ୍ୱୟନର ତଦାରଖ କରିବେ ।
୪. ସମସ୍ତ ଲକ୍ଷ୍ୟ ଗୁଡିକୁ ହାସଲ କରିବା ଦିଗରେ ୭ଟି ବିଷୟଭିତ୍ତିକ କାର୍ଯ୍ୟ ଗୋଷ୍ଠୀ (ଟି.ଡବ୍ଲ୍ୟୁ.ଜି) ନିମ୍ନଲିଖିତ ମତେ ଗଠନ କରାଯାଇଅଛି ।

ଟି.ଡବ୍ଲ୍ୟୁ.ଜି-୧ (ଲକ୍ଷ୍ୟ ୧, ୨ ଏବଂ ୧୨), ଟି.ଡବ୍ଲ୍ୟୁ.ଜି-୨ (ଲକ୍ଷ୍ୟ ୩ ଏବଂ ୬), ଟି.ଡବ୍ଲ୍ୟୁ.ଜି-୩ (ଲକ୍ଷ୍ୟ ୪), ଟି.ଡବ୍ଲ୍ୟୁ.ଜି-୪ (ଲକ୍ଷ୍ୟ ୭ ଏବଂ ୯), ଟି.ଡବ୍ଲ୍ୟୁ.ଜି-୫ (ଲକ୍ଷ୍ୟ ୫, ୧୦ ଏବଂ ୧୬), ଟି.ଡବ୍ଲ୍ୟୁ.ଜି-୬ (ଲକ୍ଷ୍ୟ ୧୩, ୧୪ ଏବଂ ୧୫), ଟି.ଡବ୍ଲ୍ୟୁ.ଜି-୭ (ଲକ୍ଷ୍ୟ ୮, ୧୧ ଏବଂ ୧୭)

## (ଖ) ଏନ ଆର ଏଲ ଏମ (ଡ଼ି ଆର ଡ଼ି ଏ ପ୍ରଶାସନିକ) ଯୋଜନା

ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଏକ ପଞ୍ଜୀକୃତ ସଂସ୍ଥା ଅଟେ । ଜିଲ୍ଲା ସ୍ତରରେ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନା ଏବଂ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ପ୍ରତ୍ୟେକ ଜିଲ୍ଲାରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଗଠନ କରାଯାଇଛି । ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଏକ କେନ୍ଦ୍ରୀୟ ପ୍ରବର୍ତ୍ତିତ ପ୍ରଶାସନିକ ଯୋଜନା ଯାହାକି ଭାରତ ସରକାରଙ୍କ ଦ୍ୱାରା ୦୧.୦୪.୧୯୯୯ରେ ଆରମ୍ଭ ହୋଇଥିଲା । ଏହି ଯୋଜନା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରଶାସନିକ ଖର୍ଚ୍ଚ, କର୍ମଚାରୀଙ୍କ ଦରମା ଓ ଅଣଦରମା ପାଇଁ ଉଦ୍ଦିଷ୍ଟ । ଏହା ୨୦୧୪-୧୫ ଆର୍ଥିକ ବର୍ଷ ଠାରୁ

ଜାତୀୟ ଗ୍ରାମୀଣ ଜୀବିକା ମିଶନ ଯୋଜନାରେ ମିଶ୍ରିତ ହୋଇଅଛି ଏବଂ କେନ୍ଦ୍ରୀୟ ଅନୁଦାନ ଓ ରାଜ୍ୟ ଅନୁଦାନର ଅନୁପାତ ୬୦:୪୦ ଅଟେ । କେନ୍ଦ୍ର ସରକାର ତା ୦୧.୦୪.୨୦୨୨ ରିଖ ଠାରୁ ଏନ.ଆର.ଏଲ.ଏମ. (ଡି.ଆର.ଡି.ଏ ପ୍ରଶାସନିକ) ଯୋଜନାକୁ ବନ୍ଦ କିରବା ପାଇଁ ନିଷ୍ପତ୍ତି ନେଇଛନ୍ତି ।

କେନ୍ଦ୍ର ସରକାରଙ୍କ ଦ୍ୱାରା ମିଳୁଥିବା ଅନୁଦାନ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର କର୍ମଚାରୀଙ୍କ ଦରମା ଓ ଅଣଦରମା ପାଇଁ ପର୍ଯ୍ୟାପ୍ତ ହୋଇ ପାରୁନାହିଁ । ଏହି ଯୋଜନାରେ ଭାରତ ସରକାରଙ୍କ ଠାରୁ ବିଗତ ୫ ବର୍ଷ ମଧ୍ୟରେ ଏବଂ ଚଳିତ ବର୍ଷରେ ପ୍ରାପ୍ତ ହୋଇଥିବା ଅର୍ଥ ଓ ଏହାର ରାଜ୍ୟ ସରକାରଙ୍କ ଅନୁରୂପ ଅନୁଦାନ ଅର୍ଥ ନିମ୍ନମତେ ପ୍ରଦାନ କରାଗଲା ।

ଟଙ୍କା ଲକ୍ଷରେ

| କ୍ର. ନଂ. | ଆର୍ଥିକ ବର୍ଷ | କେନ୍ଦ୍ରୀୟ ଅନୁଦାନ | ରାଜ୍ୟ ଅନୁରୂପ ଅନୁଦାନ | ରାଜ୍ୟ ବଜେଟ୍‌ରୁ ବାସ୍ତବ ଅର୍ଥ ମଞ୍ଜୁର |
|---|---|---|---|---|
| **1** | **2** | **3** | **4** | **5** |
| 1 | 2016-17 | 1626.95 | 1084.63 | 3294.94 |
| 2 | 2017-18 | 1179.97 | 786.65 | 3090.17 |
| 3 | 2018-19 | 1063.68 | 709.12 | 3449.54 |
| 4 | 2019-20 | 1065.14 | 710.09 | 3283.26 |
| 5 | 2020-21 | 1229.2050 | 819.4727 | 2626.61 |
| 6 | 2021-22 | 264.99 | 176.66 | 2891.60 |

ବି.ଦ୍ର : ୨୦୨୧-୨୨ ଆର୍ଥିକ ବର୍ଷରେ ମିଳିଥିବା କେନ୍ଦ୍ରୀୟ ଅନୁଦାନର ପ୍ରଥମ କିସ୍ତିର ପ୍ରଥମ ଅଂଶ ଅନୁଯାୟୀ ୪୪୧.୬୫ ଲକ୍ଷ ଟଙ୍କା (କେନ୍ଦ୍ରୀୟ ଭାଗ ୨୬୪.୯୯ ଲକ୍ଷ ଟଙ୍କା ଏବ ରାଜ୍ୟ ଭାଗ ୧୭୬.୬୬ ଲକ୍ଷ ଟଙ୍କା) ଏବଂ ରାଜ୍ୟ ବଜେଟର ରାଜ୍ୟ ଭାଗରୁ ୨୪୪୯.୯୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଅଛି ।

## (ଗ) ଗୋତି ଶ୍ରମିକ ଯୋଜନା

୧ ଜୁଲାଇ ୧୯୭୫ ମସିହାର ପୁରାତନ କୋଡ଼ିଏ ଦଫା କାର୍ଯ୍ୟକ୍ରମରେ ଯେତେବେଳେ ଗୋତିଶ୍ରମିକ ବିଷୟକୁ ସଂଶ୍ଳିଷ୍ଟ କରାଯାଇଥିଲା ଏହା ଜାତୀୟ ସ୍ତରରେ ଏକ ମୁଖ୍ୟ ବିଷୟ ଭାବରେ ଚର୍ଚ୍ଚାକୁ ଆସିଥିଲା । ଗୋତି ଶ୍ରମିକମାନଙ୍କର ସ୍ୱାର୍ଥ ରକ୍ଷା ଏବଂ ସେମାନଙ୍କର ଉତ୍ତମ ଜୀବନର ମାନଦଣ୍ଡକୁ ନିଶ୍ଚିତ କରିବା ଉଦ୍ଦେଶ୍ୟରେ ଗୋତି ଶ୍ରମିକ ପ୍ରଥା ଉଚ୍ଛେଦ ଆଇନ - ୧୯୭୬କୁ ପ୍ରବର୍ତ୍ତନ କରାଯାଇଥିଲା ।

## ଗୋତି ଶ୍ରମିକ ଚିହ୍ନଟ :

ଗୋତି ଶ୍ରମିକ ପ୍ରଥା ଉଚ୍ଛେଦ ଆଇନ - ୧୯୭୬ର ଧାରା ୧୩ ଅଧିନରେ ଗୋତି ଶ୍ରମିକ ମାନଙ୍କୁ ଖୋଜି ବାହାର କରିବା, ଉଦ୍ଧାର ଏବଂ ଥଇଥାନ କରିବାର କାର୍ଯ୍ୟ ତଦାରଖ କମିଟି ଉପରେ ନ୍ୟସ୍ତ କରାଯାଇଛି । ତଦନୁଯାୟୀ ଗୋତି ଶ୍ରମିକ ଚିହ୍ନଟକରଣ ନିମନ୍ତେ ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ଉପଖଣ୍ଡ ସ୍ତରୀୟ ମାଜିଷ୍ଟ୍ରେଟ୍‌ଙ୍କ ଅଧିକ୍ଷତାରେ ଜିଲ୍ଲା ଏବଂ ଉପଖଣ୍ଡ ସ୍ତରୀୟ ତଦାରଖ କମିଟି ଗଠନ କରାଯାଇଛି ।

## ଗୋତି ଶ୍ରମିକ ଥଇଥାନ :

କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା "ଗୋତି ଶ୍ରମିକ ଥଇଥାନ" ପ୍ରତ୍ୟେକ ରାଜ୍ୟରେ ପ୍ରଚଳନ କରାଯାଉଛି । ଏହି ଯୋଜନା ଅନୁସାରେ ପ୍ରତ୍ୟେକ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କୁ ୫୦:୫୦ ଅନୁପାତରେ ଅନୁଦାନ ରାଶି ବହନ କରିବାକୁ ପଡୁଛି । ୨୦୧୬-୧୭ ବର୍ଷରେ ରାଜ୍ୟ ସରକାର ବଜେଟ୍‌ରେ ଏହି ବାବଦକୁ ୧ କୋଟି ଟଙ୍କାର ବ୍ୟବସ୍ଥା କରିଥିଲେ ।

କେନ୍ଦ୍ରୀୟ ଅଂଶଧନ ବାବଦରେ ୧ କୋଟି ୫୦ ଲକ୍ଷ ଟଙ୍କାର ସହାୟତା ପ୍ରଦାନ ନିମନ୍ତେ ଭାରତ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି । ମାତ୍ର ବର୍ତ୍ତମାନ ସୁଦ୍ଧା ଭାରତ ସରକାରଙ୍କର ଶ୍ରମ ଓ ନିୟୋଜନ ମନ୍ତ୍ରାଳୟ ତରଫରୁ କୌଣସି ଅର୍ଥ ମିଳିପାରିନାହିଁ । ଏତିକିବେଳେ ଓଡିଶା ସରକାରଙ୍କ ୧କୋଟି ଟଙ୍କା ଅଂଶପ୍ରଦାନ କରିସାରିଛନ୍ତି, ଯାହାକି ୫୦୦ ଜଣ ମୁକ୍ତ ଗୋତି ଶ୍ରମିକମାନଙ୍କୁ ଥଇଥାନ କରିବାରେ ସହାୟକ ହୋଇପାରିଛି ।

ଏହା ମଧ୍ୟରେ କେନ୍ଦ୍ର ସରକାର ଏହି ଯୋଜନାକୁ ପରିବର୍ତ୍ତନ କରିଛନ୍ତି ଯାହାର ନାମ "Central Sector Scheme for Rehabilitation of Bonded Labourers-2016" ଯାହାକି ୧୭.୦୫.୨୦୧୬ରୁ କାର୍ଯ୍ୟକାରୀ ହେଉଛି । ଏହି ପରିବର୍ତ୍ତିତ ମାର୍ଗଦର୍ଶିକା ଅନୁଯାୟୀ ପ୍ରତ୍ୟେକ ଥଇଥାନ ପ୍ରସ୍ତାବ ଜିଲ୍ଲା ଏନସିଏଲପି ସୋସାଇଟି ଜରିଆରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ପ୍ରେରଣ ନକରି ସିଧାସଳଖ କେନ୍ଦ୍ର ସରକାରଙ୍କ ନିକଟକୁ ପ୍ରେରଣ କରାଯିବାର ବିଧି ବ୍ୟବସ୍ଥା ଅଛି ।

## ଗୋତି ଶ୍ରମିକ ସର୍ବେକ୍ଷଣ :

ଗୋତି ଶ୍ରମିକ ଚିହ୍ନଟକରଣ ପାଇଁ ସର୍ବେକ୍ଷଣ ନିମନ୍ତେ ୨.୦୦ ଲକ୍ଷ ଟଙ୍କାର ସହାୟତା ରାଶି କେନ୍ଦ୍ର ସରକାରଙ୍କ ଜରିଆରେ ପ୍ରତ୍ୟେକ ଜିଲ୍ଲାକୁ ପ୍ରଦାନ କରାଯିବାର ବ୍ୟବସ୍ଥା ଅଛି । ଏହି ସର୍ବେକ୍ଷଣ ପ୍ରତି ତିନି ବର୍ଷରେ କରାଯାଏ । ରାଜ୍ୟର ୩୦ଟି ଯାକ ଜିଲ୍ଲାର ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଯାଇଛି ଏବଂ ଏହି ସହାୟତା ରାଶି ଏ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ଠାରୁ ହସ୍ତଗତ ହୋଇନାହିଁ ।

## ଘ) ଅଭିଯୋଗ ସମାଧାନ କେନ୍ଦ୍ର

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ସଂଚାଳିତ ବିଭିନ୍ନ ଯୋଜନା/ପ୍ରକଳ୍ପ ସମ୍ବନ୍ଧୀୟ ସାଧାରଣ ଲୋକମାନଙ୍କର ଅଭିଯୋଗର ସମାଧାନ କରିବା ପାଇଁ ଅଭିଯୋଗ ସମାଧାନ କେନ୍ଦ୍ର ତା-୦୧-୦୯-୨୦୧୨ରିଖରୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ଆରମ୍ଭ କରାଯାଇଅଛି । ପଞ୍ଚାୟତିରାଜ ଓ ପାନୀୟ

ଜଳ ବିଭାଗରେ ପ୍ରତ୍ୟେକ ସୋମବାର (ଛୁଟିଦିନ ବ୍ୟତୀତ) ଏହି ବିଭାଗର ପ୍ରମୁଖ ଶାସନ ସଚିବ ନିଜେ ଜନ ଅଭିଯୋଗର ଶୁଣାଣି କରିଥାନ୍ତି ।

ପ୍ରତ୍ୟେକ ଅଭିଯୋଗର ଉଚିତ୍ ସମୟରେ ସମାଧାନ ନିମନ୍ତେ ସଂପୃକ୍ତ ବିଭାଗୀୟ ଅଧିକାରୀ/ଜିଲ୍ଲାସ୍ତରୀୟ ଅଧିକାରୀ/ବ୍ଲକସ୍ତରୀୟ ଅଧିକାରୀମାନଙ୍କ ଠାରୁ ତଦନ୍ତ ରିପୋର୍ଟ ତଲବ କରାଯାଇ ଫଇସଲା କରାଇବା ସହିତ ଉଚିତ ସମୟ ସୀମାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ।

## (ଙ) ପଞ୍ଚାୟତ ହେଲ୍ପଲାଇନ :

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଦ୍ୱାରା ତା-୦୧-୧୧-୨୦୧୨ ରିଖରେ ପଞ୍ଚାୟତ ହେଲ୍ପଲାଇନ ନିଶୁଳ୍କ ନଂ ୧୮୦୦-୩୪୫-୬୭୬୮ ଆରମ୍ଭ କରାଯାଇଛି । ଯାହାଦ୍ୱାରା ଟେଲିଫୋନ ମାଧ୍ୟମରେ ଜନସାଧାରଣଙ୍କର ଅଭିଯୋଗ ଗ୍ରହଣ କରାଯାଉଅଛି । ଅଭିଯୋଗଗୁଡିକ ଉପରେ ନିଆଯାଇଥିବା କାର୍ଯ୍ୟ ସମ୍ବନ୍ଧୀୟ ବିବରଣୀ ସଂପୃକ୍ତ ଜିଲ୍ଲା/ବ୍ଲକ ସ୍ତରୀୟ ଅଧିକାରୀମାନଙ୍କଠାରୁ ମଗାଯାଉଅଛି ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ଅଭିଯୋଗଗୁଡିକର ସମାଧାନ ନିମନ୍ତେ ପଦକ୍ଷେପ ନିଆଯାଉଅଛି । ଏହି ହେଲ୍ପ ଲାଇନ ସ୍ଥାପନ କରିବାର ମୁଖ୍ୟ ଉଦ୍ଦେଶ୍ୟଗୁଡିକ ହେଲା :

୧. ପ୍ରତ୍ୟେକ ନାଗରିକଙ୍କୁ ସେମାନଙ୍କର ଆବଶ୍ୟକତା, ଅଧିକାର ଏବଂ ଅଭିଯୋଗ ସମ୍ବନ୍ଧରେ ଜଣାଇବା ନିମନ୍ତେ ସୁଯୋଗ ଦେବାକୁ ସୁନିଶ୍ଚିତ କରିବା ।

୨. ଯୋଜନାଗୁଡିକର କାର୍ଯ୍ୟାନ୍ୱୟନରେ ହେଉଥିବା ଦୁର୍ନୀତି ବା ଅନିୟମିତତା ସଂପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ନିମନ୍ତେ ସହାୟତା ପ୍ରଦାନ କରିବା ।

୩. କାର୍ଯ୍ୟକ୍ରମର ଯୋଜନା ପ୍ରସ୍ତୁତି ଏବଂ କାର୍ଯ୍ୟାନ୍ୱୟନରେ ଲୋକମାନଙ୍କର ସହଭାଗିତା ପାଇଁ ମଞ୍ଚ ସୃଷ୍ଟି କରିବା ।

ହିତାଧିକାରୀମାନଙ୍କ ଦ୍ୱାରା ଦାଖଲ କରାଯାଉଥିବା ଅଭିଯୋଗଗୁଡିକ ଗ୍ରହଣ କରି ତାହାର ଉଚିତ୍ ସମୟରେ ସମାଧାନ କରିବା ଦ୍ୱାରା ଶାସନ କ୍ଷେତ୍ରରେ ପଞ୍ଚାୟତ ହେଲ୍ପଲାଇନ ଏକ ନୂଆ ଯୁଗ ସୃଷ୍ଟି କରିଛି, ଯାହା ଗ୍ରାମାଞ୍ଚଳର ହିତାଧିକାରୀଙ୍କ ମଧ୍ୟରେ ଆଶା ସଞ୍ଚାର କରିପାରିଛି ।

## (ଚ) ଇ-ଅଭିଯୋଗ :

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ (ସି.ଏମ.ଜି.ସି) ୨୦୧୦ ମସିହାରୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ବିଭିନ୍ନ ଯୋଜନାର ସ୍ୱଚ୍ଛତା ରକ୍ଷା କରିବା ପାଇଁ କାର୍ଯ୍ୟ କରୁଛି । ସର୍ବସାଧାରଣଙ୍କଠାରୁ ସିଏମଜିସି ଦ୍ୱାରା ଏବଂ ସିଏମଜିସିର ଅନଲାଇନ ୱେବସାଇଟ୍ ମାଧ୍ୟମରେ ଅଭିଯୋଗ ଗ୍ରହଣ କରାଯାଉଛି । ଉକ୍ତ ଅଭିଯୋଗଗୁଡିକୁ ସଂପୃକ୍ତ ବିଭାଗକୁ କିମ୍ବା ପ୍ରକଳ୍ପ ନିର୍ଦ୍ଦେଶକ ଓ ଜିଲ୍ଲାପାଳଙ୍କୁ ଅଭିଯୋଗର ବିଷୟବସ୍ତୁ ଆଧାରରେ ପଠାଯାଉଛି । ସଂପୃକ୍ତ ଅଧିକାରୀ ଉକ୍ତ ଅଭିଯୋଗର ସମାଧାନ ପାଇଁ କି ପଦକ୍ଷେପ ନେଲେ ତାର ବିବରଣୀ ପ୍ରଦାନ କରିବାକୁ ବିଭାଗୀୟ-ସ୍ତରରେ ନିର୍ଦ୍ଦେଶ ଦିଆଯାଉଛି କିମ୍ବା ଉକ୍ତ ବିବରଣୀକୁ ଅନଲାଇନ ମାଧ୍ୟମରେ ସିଏମଜିସିକୁ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି । କେତେକ ଅଭିଯୋଗର ସମାଧାନ ନିମନ୍ତେ ସଂପୃକ୍ତ ଅଧିକାରୀଙ୍କୁ ବାରମ୍ବାର ସ୍ମରଣ କରାଯାଇ ସମସ୍ୟାର ସମାଧାନ କରାଯାଉଛି ।

●●●